ରାଷ୍ଟ୍ରଭାଷାଂଗ

Digitized by PPRACHIN, SOA

ଲେଖକଙ୍କ ଅନ୍ୟାନ୍ୟ ପୁସ୍ତକ

୧—ଭୟୁକର ନାହିଁ	ଟ ୦ /
୨—ସତ୍ୟାନୁସନ୍ଧାନ	ଟ ୵ ୶
୩—ସୁଖାନ୍ୱେଷଣ	ଟ ୦ ।
୪—ଜାଗରଣ	ଟ ୦ ୯/

ଓଡ଼ିଶାର ସମସ୍ତ ପୁସ୍ତକ ଦୋକାନରେ ମିଳେ

Digitized by PPRACHIN, SOA

ନାରୀମଙ୍ଗଳ

ଲେଖକ—

ଶ୍ରୀବୈରାଗୀଚରଣ ମିଶ୍ର

ମୂଲ୍ୟ ଟ ୦ ୶ ଦୁଇଅଣା ମାତ୍ର

Digitized by PPRACHIN, SOA

ପ୍ରକାଶକ—ଶ୍ରୀବୈରାଗୀଚରଣ ମିଶ୍ର
କଲେକ୍‌ଟରେଟ, କଟକ

ଏହାର ସମସ୍ତ ଆୟ
ଉତ୍କଳ ନାରୀମଙ୍ଗଳ ସମିତିକୁ
ଉତ୍ସୃଷ୍ଟ ହେବ ।

ମୁଦ୍ରାକର—ସେଖ ନଜିର ମୋହମ୍ମଦ
ଲକ୍ଷ୍ମୀନାରାୟଣ ପ୍ରେସ
କାଜିବଜାର, କଟକ
୧୯୩୧

Digitized by PPRACHIN, SOA

ମାତୃପୂଜା

(୧)

ଶୃଙ୍ଖଳେ ବାନ୍ଧି ଅନ୍ଧାର କୋଣେ, କପାଇଁ କହୁ ତୁ ଦେବୀ
ମିଥ୍ୟା ଗରବେ ନ ହେବ ମାନବୀ ଅମର ବିଭବ ଛବି
ଖୋଲ ଖୋଲ ଅଜ୍ଞ ବନ୍ଧ ମନ୍ଦର ପୁଣ୍ୟ ଅନଳ ଜାଳି
ନ କର ଦାନବୀ, ମର୍ତ୍ତ୍ୟ ଦେବୀରେ ତୀବ୍ର ଯାତନା ଢାଳି ।

(୨)

ଅନ୍ଧାର ଘୋର ଦେଉଳେ ନାଶି ନ ଲୋଡ଼ ତୋହର ପୂଜା
ପଥ ଛୁଡ଼ିଦେ ରେ ମୁକ୍ତି ପାଇ ସେ ହେଉ ଦୁର୍ଗା ଦଶଭୁଜା
ଏକାକୀ ସହ୍ର ତୁ ଜୀବନ ରଥ ହେଲୁଣି ଶ୍ରାନ୍ତ କ୍ଲାନ୍ତ
ସଙ୍ଗିନୀ ସଙ୍ଗେ ଚଳ୍ ରେ ରଙ୍ଗେ ସହଜ ହେବ ତୋ ପଥ ।

(୩)

ଅସିବ କରମେ ନୂତନ ପ୍ରେରଣା ଜୀବନେ ନବୀନ ସିଦ୍ଧି
ସତ୍ୟ ଧରମେ ସଙ୍ଗୀ ସେ ଯେ ରେ ନୁହେଁ କାମନାର ଛବି
ଜନନୀ ଜାୟା କନ୍ୟା ଭଗିନୀ ସେ ଯେ ତୋ ସମାଜଗୁରୁ
ତା ଜାତି ଗୌରବ ପୂଜ୍ୟ ମାନବେ ନମନ୍ତୁ ତା ପଦ ଦୂରୁ ।

Digitized by PPRACHIN, SOA

(୪)

ଫିଙ୍ଗରେ ଅଜ ଝଲମଲ ବେଶ ଭୁଲି ଯାଅ ବନ୍ଧୁ ବାରେ
ଚଞ୍ଚଳ ଗଣ୍ଡ ନିଟୋଳ ଅଙ୍ଗ ତରଳ କଟାକ୍ଷ ଧାରେ
ତା କଳା କଜଳ ଡୋଳା ଇଙ୍ଗିତେ ଶରଧା ନ କର ଆଜ
ମହିମା ମଣ୍ଡି ମାତୃ ମୂରତି ସଜାଅ ସେ ଶୋଭା ସାଜ ।

(୫)

ସୁନା ସୁନା ଯେତେ କହିଲେ କି ହେବ ପିତ୍ତଳ ନ ହେବ ସୁନା
କନକ ପ୍ରତିମା ଅନ୍ଧାର ଉହାଡ଼େ ପଡ଼ି ହୋଇଲାଣି ଚୁନା
ଲୋଡ଼ା ନାହିଁ ତୋର ସହରର ଦେବୀ ସରଗ କରୁ ସେ ଭୋଗ
ଦରମରି ଦେଶ ଲୋଡ଼େ ଦେଶ ନାରୀ ଭାଙ୍ଗୁରେ ସମାଜ ରୋଗ ।

(୬)

ନିର୍ଭିକ ତୁ ଯେ ଅମୃତ ସୁତ ମୃତ୍ୟୁ ହୀନ ତୁ ବନ୍ଧୁ
ପାପ ପ୍ରଲୋଭନେ କି କୁହୁକେ ପଡ଼ି ଶୟତାନ ପଦ ବନ୍ଦୁ
ନିନ୍ଦିତ ସେ ଯେ, ନନ୍ଦିତ ବିଶ୍ୱେ ସତ୍ୟ, ଅନନ୍ତ ପ୍ରେମ
ଜାଗରେ ଅଜ, ଫିଙ୍ଗ ରେ ଅଜ ଜୀର୍ଣ୍ଣ ସେ ପୁରାତନ ।

(୭)

ପୂର୍ଣ୍ଣ କର ରେ ଜୀବନ ଯଜ୍ଞ ସ୍ୱାହା ସଙ୍ଗେ ଅଗ୍ନି ଜ୍ୱାଳ
ପୂର୍ଣ୍ଣ ଜୀବନ ଯାପି କୁତୂହଳେ ହୁଅ ବନ୍ଧୁ ତ୍ୟାଗେ ବଳ
ସାଧନା ଯୁଗ ଏ, ମାନବ ଯୁଗ ସାମ୍ୟ ଯୁଗ ଏ ଆଜ
କେହି ନ ରହିବେ ବନ୍ଦ କାହାର ଉଠେ ଜୟ ଭେରୀ ବାଜ ।

ଶ୍ରୀଚକ୍ରଧର ମହାପାତ୍ର

Digitized by PPRACHIN, SOA

ନିଶା,

ମୁଁ ଯେଉଁ କାର୍ଯ୍ୟ ଜୀବନର ଶେଷ ମୁହୂର୍ତ୍ତ ଯାଏ କରିବା ପାଇଁ ପ୍ରତିଜ୍ଞା
ବଦ୍ଧ ହୋଇଅଛି, ସେହି '**ନାରୀମଙ୍ଗଳ**'ର ତୁ ଜୀବନ୍ତ ପ୍ରତିମୂର୍ତ୍ତି—
ମୋ ନିକଟରେ । କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ କରିବା
ପାଇଁ—ଶିକ୍ଷା ଦେଇ, ତୋତେ ଜୀବନ ଯୁଦ୍ଧ ପାଇଁ ପ୍ରସ୍ତୁତ
କରିଅଛି । ତୁ ଉତ୍କଳ ଦେଶରେ ବ୍ରାହ୍ମଣ ପରି-
ବାରରେ ପବନ୍ଧ ଯୁବତୀ ବିବାହର ଦ୍ୱାର ପ୍ରଥମେ
ଫିଟାଇଛୁ । ସେଥି ପାଇଁ ମୋର କ୍ଷୁଦ୍ର
ଜୀବନ ଯୁଦ୍ଧର ପବନ୍ଧ ସାମଗ୍ରୀ
ଏହି ପୁସ୍ତକଟି ତୋ ନାମରେ
ଉତ୍ସର୍ଗ କରୁଅଛି ।

ତୋର ପିତା

ବୈରାଗୀ

Digitized by PPRACHIN, SOA

ଉପହାର

Digitized by PPRACHIN, SOA

ନାରୀମଙ୍ଗଳ

ପ୍ରିୟ ଭାଇ ଓ ଭଉଣୀମାନେ,

ଯେଉଁ ନାରୀଜାତି ଆଜି ସମାଜର କ୍ରୁର ଶାସନରେ ଦୁଃଖ କଷ୍ଟ ଭୋଗ କରି ପଶୁ ପରି ବ୍ୟବହାର ପାଉଅଛି, ସେମାନଙ୍କର ଦୁରବସ୍ଥାର ପ୍ରତୀକାର ଆଲୋଚନାକୁ ମୁଁ ନାରୀମଙ୍ଗଳ ନାମ ଦେଇ-ଅଛି । ତୁମ୍ଭେମାନେ ମୋ କଥାରେ ଏକମତ ହେବ ଯେ—ନାରୀ ଜଗତର ମାତା—ତାର ମଙ୍ଗଳ ଉପରେ ଜଗତର ମଙ୍ଗଳ ସମ୍ପୂର୍ଣ୍ଣ ନିର୍ଭର କରେ ।

ଜଗନ୍ମାନ୍ୟ ମହାପୁରୁଷମାନେ ନାରୀଜାତିକୁ ମାଆ ଭାବରେ ପୂଜା କରିବାକୁ ନାନାଉପଦେଶ ଦେଇ ଯାଇଅଛନ୍ତି । ମନୁଷ୍ୟ କଥା ଏତଣିକି ଥାଉ, କୁକୁରୀକୁ ସୁଦ୍ଧା ମାଆ ଜ୍ଞାନ କରି ନମସ୍କାର କରିବାକୁ ଲେଖି ଯାଇଅଛନ୍ତି । ତେଣୁ ମାଆର ଆସନ ଯେଉଁଠାରେ, ନାରୀର ଆସନ ସେହିଠାରେ ।

Digitized by PPRACHIN, SOA

ନାରୀମଙ୍ଗଳ

ଯେଉଁ ଶିଶୁ, ପରିବାରର କାହିଁକି—ସମସ୍ତ ମାନବ ସମାଜର ପ୍ରଧାନ ସମ୍ବଳ, ସେ ମାଆ ପେଟରେ ଦଶମାସ ରହି ଜନ୍ମ ହୁଏ, ମାଆଠାରୁ ସ୍ତନ୍ୟ ଖାଇ ଜୀବନଧାରଣ କରେ, ମାଆଦ୍ୱାରା ପ୍ରତିପାଳିତ ହୁଏ । ଶିଶୁର ଯାବତୀୟ ମଙ୍ଗଳ ଯେପରି ମାଆର ମଙ୍ଗଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ, ଜଗତର ଯାବତୀୟ ମଙ୍ଗଳ ସେହିପରି ନାରୀଜାତିର ମଙ୍ଗଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ତେଣୁ ଜଗତରେ ନାରୀର ଆସନ ବହୁ ଉଚ୍ଚରେ ।

ନାରୀର ଆସନ ବହୁ ଉଚ୍ଚରେ

ଯେଉଁ ନାରୀଜାତି ଜଗତର ମାତା, ଯେଉଁ ନାରୀଜାତି ମାନବସମାଜର ମଙ୍ଗଳ ପାଇଁ ପ୍ରତି ମୁହୂର୍ତ୍ତରେ ରକ୍ତବଳି ଦେଉ-ଅଛି—କେବେ ମାଆଭାବରେ, କେବେ ଜାୟାଭାବରେ, କେବେ ଭଗିନୀଭାବରେ; ଯେଉଁ ନାରୀଜାତି ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ଓ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ଅକାତରରେ ଦାନ କରି ପୁରୁଷର ସମସ୍ତ ଦୁଃଖ, କଷ୍ଟ ହରଣ କରୁଅଛି; ଯେଉଁ ନାରୀଜାତି ଉପରେ ମାନବସମାଜର ଭବିଷ୍ୟତ କଲ୍ୟାଣ ସମ୍ପୂର୍ଣ୍ଣ ନିର୍ଭର କରେ—ସେ ଆଜି ନିରକ୍ଷର, ଅନ୍ଧ । ସେ ଆଜି ନାକ କାନ ସିଲାଇ କରି, ହାତ ଗୋଡ଼ରେ ବେଡ଼ି ପିନ୍ଧି ଘର କଣରେ ବନ୍ଦିନୀ । ତା' ଉପରେ ଗାଳି ମାଡ଼ର ବାକି ନାହିଁ—ମୁହଁଖୋଲି କଥା ପଦେ କହିବାର ଅଧିକାର ନାହିଁ । ନିଜର ଇଚ୍ଛା ପ୍ରକାଶ କରିବାର ଅଧିକାର ବନ୍ଦୀର ଅଛି—ଦାସୀର ଅଛି, ମାତ୍ର ଗୃହଲକ୍ଷ୍ମୀ ସମସ୍ତ ଶକ୍ତିର ଅଧିକାରିଣୀ ନାରୀର ସେତକ ଅଧିକାର ନାହିଁ । ସେ

ମାତୃଜାତିର ଦୁରବସ୍ଥା

Digitized by PPRACHIN, SOA

ଅଜି **ନଅ ଦଶ** ବର୍ଷରୁ ବିଧବା । **ପଚାଶ ଷାଠିଏ** ବର୍ଷର ସ୍ଵାର୍ଥାନ୍ଧ ପୁରୁଷ ଅଜି ଧଳା ବାଳକୁ କଳା କରି କିଶୋରୀ କନ୍ୟାର ପାଣିଗ୍ରହଣ କରିବାକୁ ଟିକେ ମଧ୍ୟ କୁଣ୍ଠିତ ହେଉ ନାହିଁ । ଅନ୍ଧ ବାପା, ମାଆ ଅର୍ଥ ଲୋଭରେ କମ୍ବା ତୁଚ୍ଛ ମର୍ଯ୍ୟାଦା ଆଶାରେ—ବରଟି ବୁଢ଼ା ହେଉ କି ହଡ଼ା ହେଉ, ଝିଅଟିକୁ ତା' ସହିତ ଛନ୍ଦିଦେଇ କହୁଛନ୍ତି—ଦେଲି ନାରୀ ହେଲି ପାରି । ଝିଅ ୧୬ । ୧୭ ବର୍ଷରେ ଯୁବତୀ ହୋଇ ଶାଶୁ ଘରକୁ ଆସି ଦେଖେ—ସ୍ଵାମୀ ମଶାଣି ଭୂଇଁକୁ ଯିବାକୁ ସଜବାଜ ହେଲଣି । କେବଳ ଏତିକି ନୁହେଁ, ନାରୀଜାତି ଉପରେ ଯେ ଅତ୍ୟାଚାର ତାହା ଲେଖିବାକୁ ବସିଲେ ଖଣ୍ଡିଏ ପୋଥି ହେବ । ଏ ସବୁ ଅତ୍ୟାଚାର ସେହି ସର୍ବଂସହା ମାତୃ ଜାତି ବ୍ୟତୀତ ଅନ୍ୟ କେହି ଅକାତରରେ ସହ୍ୟ କରି ତୁନି ହୋଇ ରହି ପାରିବା ଅସମ୍ଭବ ।

ଏ ସବୁ ଅତ୍ୟାଚାର କଣ ତୁନି ହୋଇ ରହିବାର ଫଳ, ନା ସେହି ମାତୃ ଜାତିର ତ୍ୟାଗର ପୁରସ୍କାର ? ଯଦି କୌଣସି ଧର୍ମ୍ମଶାସ୍ତ୍ର ଏହିପରି ଅତ୍ୟାଚାର କରିବାକୁ ଅନୁମତି ଦେଇଥାଏ ତେବେ ସେହି ଧର୍ମ୍ମଶାସ୍ତ୍ରକୁ ପୋଡ଼ି ପକାଇବା ବିବେକାନୁମୋଦିତ ଧର୍ମ୍ମ ଓ ଯେଉଁ ଅନ୍ଧ ସମାଜ ଏ ସବୁ ଅତ୍ୟାଚାରକୁ ସମର୍ଥନ କରୁଅଛି, ସେହିପରି ସମାଜକୁ ଖଣ୍ଡ ଖଣ୍ଡ କରି ଧ୍ଵଂସ କରିଦେବା ପ୍ରକୃତ ନ୍ୟାୟସଙ୍ଗତ କାର୍ଯ୍ୟ । ତାହା ନ କରି ନିଶ୍ଚେଷ୍ଟ ରହିବା ଘୋର ଅନ୍ୟାୟ ଏବଂ ଉତ୍କଟ ଅପରାଧ ।

Digitized by PPRACHIN, SOA

ସ୍ୱାର୍ଥାନ୍ଧ ପୁରୁଷ କାନ୍ତୁ, ଏ ସବୁ କଥାରେ କର୍ଣ୍ଣପାତ କରୁନାହିଁ । ବରଂ କହୁଛନ୍ତି——

ସ୍ୱାର୍ଥାନ୍ଧ ପୁରୁଷର ଯୁକ୍ତି

"ଆମ୍ଭେମାନେ ନାରୀଜାତିର ଯଥେଷ୍ଟ ଉପକାର କରୁଅଛୁଁ । ନାରୀଜାତିର ମଙ୍ଗଳପାଇଁ ଯଥେଷ୍ଟ ତ୍ୟାଗ ସ୍ୱୀକାର କରୁଅଛୁଁ । ଆମ୍ଭେମାନେ ଯେ ଚାକିରୀ କରୁଛୁଁ, ଘୁଷ୍ ନେଉଛୁଁ, ମିଛ କହି ଅନ୍ୟର ତଣ୍ଟିଚିପି ରକ୍ତଚୋଷି ଉପୁରି ରୋଜଗାର କରୁଛୁଁ, ଏ ସବୁ ଆମ୍ଭେମାନେ କାହାଲାଗି କରୁଛୁଁ ? ସବୁ କରୁଛୁଁ—ସେହି ନାରୀଜାତିକୁ ବହୁ-ମୂଲ୍ୟ ଗହଣା ଯୋଗାଇବା ସକାଶେ, ମଲ୍‌ମଲ୍ ଶାଢ଼ୀ ଯୋଗାଇବା ସକାଶେ, ସେମାନଙ୍କ ପୁଅ ଝିଅର ବ୍ରତ ବିବାହ ଇତ୍ୟାଦିରେ ହଜାର ହଜାର ଟଙ୍କା ଖରଚ କରି—ସେମାନଙ୍କର ମନ ଖୁସି କରିବା ସକାଶେ । ଯେତେ ଟଙ୍କାଟିକର ଯୋଡ଼ାଟିଏ ପିନ୍ଧି ତାଙ୍କ ପଚାଶ ତିରିଶ ଟଙ୍କାର ବନାରସୀ ପାଟ ଯୋଗାଉ ଅଛୁଁ, ତାଙ୍କର ମନ ତୁଷ୍ଟି ପାଇଁ ତାଙ୍କୁ ବହୁମୂଲ୍ୟ ଗହଣାରେ ମଣ୍ଡି ସୁନା କଣ୍ଢେଇ ପରି ସଜାଇ ରଖିଛୁ, ସବୁ-ବେଳେ ଜଗି ରହିଛୁଁ—ତାଙ୍କ ଉପରେ ଅନ୍ୟ କାହାର ଛାଇ ମୁଦ୍ଧା ନ ପଡ଼ୁ । ସେମାନଙ୍କ ଲାଗି ଆମ୍ଭେମାନେ କଅଣ ନ କରୁଛୁଁ ? ଯଥେଷ୍ଟ କରୁଛୁଁ !

"ସ୍କୁଲ୍ କହୁ, କହୁଛ-ସେମାନଙ୍କୁ ପଢ଼ାଅ, କାହିଁ ସେମାନଙ୍କୁ ପଢ଼ାଇ ଲାଭ କଣ ? ଆମ୍ଭେମାନେ ପଢ଼ୁଛୁଁ ଚାକିରୀ କରୁଛୁଁ, ମିଛ କହୁଛୁଁ, ଘୁଷ୍ ନେଉଛୁଁ, (ବଙ୍ଗାଳି ତନ୍ତ୍ର ନାଁ କାଢ଼ିଲା ପରି) ନାରୀ

Digitized by PPRACHIN, SOA

ନିମିତ୍ତରେ ବହୁତ ଟଙ୍କା ପଇସା ଖର୍ଚ୍ଚ କରି ନାଁ କିଣିବୁ, ବାପ ଅଜା-ଙ୍କର ନାଁ ରଖିବୁଁ । ସେମାନେ ପାଠପଢ଼ି ହାଣ୍ଡିଶାଳ ଚୁଲି ମୁଣ୍ଡରେ କଣ କରିବେ ?"

ଏହି ଦୁର୍ଭାଗା ପୁରୁଷମାନଙ୍କୁ କଣ ବା କୁହାଯାଇ ପାରେ ? ସ୍ଥୂଳଦେହ ଓ କାମ ଦେହର ସେବାକୁ ଜୀବନଧାରଣର ଏକମାତ୍ର ଉଦ୍ଦେଶ୍ୟ ମନେ କରି, ଏମାନେ ଏହିପରି ଯୁକ୍ତି କରନ୍ତି । ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ଏମାନଙ୍କୁ ଜଣା ନାହିଁ । ଜୀବର ପ୍ରକୃତ ମଙ୍ଗଳ ଏମାନେ ବୁଝନ୍ତି ନାହିଁ । ଏମାନେ ବିବେକ ହୀନ, ତେଣୁ ପ୍ରକୃତରେ ଅନ୍ଧ । ଏମାନଙ୍କର ଅବସ୍ଥା ଅତୀବ ଶୋଚନୀୟ । ନାରୀଜାତିର ନିରକ୍ଷରତାରୂପ ଅନ୍ଧତା ଦୂର କରିବା ସଙ୍ଗେ ସଙ୍ଗେ, ଏହି ଦୁର୍ଭାଗା ପୁରୁଷମାନଙ୍କର ବିବେକହୀନତାରୂପ ଅନ୍ଧତା ଦୂର କରିବାକୁ ଚେଷ୍ଟା କରିବା ଏକାନ୍ତ ଅବଶ୍ୟକ ।

ଗୋଟିଏ ପାଦରେ ଚାଲିବା ଚାଲିବାତ ଦୂରର କଥା, ଠିଆ ହୋଇ ରହିବା କଠିନ । ପୁଣି ପାଦ ଦୁଇଟି ସମାନ ହେବା ଦର-କାର । ସାନ ବଡ଼ ହେବା ମଧ୍ୟ ଅଡ଼ୁଆ ।

ସ୍ତ୍ରୀ ପୁରୁଷ ଉଭୟଙ୍କ ଦ୍ୱାରା ସଂସାର । ଦୁହିଁଙ୍କର ମିଳିତ ଚେଷ୍ଟାରେ ସଂସାର ଯାତ୍ରା ନିର୍ବାହ ହୁଏ । ସ୍ତ୍ରୀ ପୁରୁଷ ଉଭୟେ ଯଦି

Digitized by PPRACHIN, SOA

ସୁସଭ୍ୟ ଓ ସୁଶିକ୍ଷିତ ହୁଅନ୍ତି, ତେବେ ସଂସାରଯାତ୍ରା ସୁଖକର ଓ ନାଗର ଅଶିକ୍ଷା ଓ ଶାନ୍ତିମୟ ହେବ ; ମାତ୍ର ଏପରି ମାହେନ୍ଦ୍ର ଯୋଗ ପୁରୁଷର କୁଶିକ୍ଷା ଖୁବ୍ ବିରଳ । ଉଭୟେ ଅଶିକ୍ଷିତ ହେବା ବରଂ ସମସ୍ତ ଦୁଃଖ ଓ ଭଲ, ମାତ୍ର ଗୋଟିଏ ଶିକ୍ଷିତ ଓ ଅନ୍ୟଟି ଅଶିକ୍ଷିତ ଅଶାନ୍ତିର କାରଣ ରହି ପାରିବାରିକ ଜୀବନ କିପରି ଦୁଃଖମୟ ଓ ଶାନ୍ତିଶୂନ୍ୟ ହୋଇଅଛି ଓ ହେଉଅଛି ତାହା ସମସ୍ତେ ଅନୁଭବ କରୁଅଛନ୍ତି ।

ପୁରୁଷ କିମ୍ବା ସ୍ତ୍ରୀ ପ୍ରତ୍ୟେକଙ୍କର ଶିକ୍ଷା ଏକାନ୍ତ ଆବଶ୍ୟକ । ଯେ ଶିକ୍ଷା ଲାଭ କରେ, ସେ ପୁରୁଷ ନୁହେଁ କି ସ୍ତ୍ରୀ ନୁହେଁ—ସେ ଜୀବ । ପୁରୁଷ ଦେହରେ ଥାଉ କି ସ୍ତ୍ରୀଦେହରେ ଥାଉ ଶିକ୍ଷା ପ୍ରତ୍ୟେକ ଜୀବର ଏକାନ୍ତ ଆବଶ୍ୟକ ।

Digitized by PPRACHIN, SOA

କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ

Digitized by PPRACHIN, SOA

ଓଟଣା

ପ୍ରିୟ ଭଉଣୀମାନେ, ନାରୀମଙ୍ଗଳ ଲେଖିବାକୁ ଯାଇ ମୋ ଜୀବନର ଗୋଟିଏ ଅନୁଭୂତକୁ ମୁଁ ନ ଲେଖି ରହି ପାରୁ ନାହିଁ । ୧୯୬୭ ସାଲ ବଡ଼ଦିନ ଛୁଟିରେ ମାନ୍ଦ୍ରାଜ ଯାଇ ଯେଉଁ ଉଚ୍ଚ ଆଦର୍ଶ ମୁଁ ଅନୁଭବ କରିଥିଲି ସେ ସମସ୍ତ ଲେଖି ପାରୁ ନାହିଁ । କାରଣ ସେ ସବୁ ଆଦର୍ଶ ଆମ୍ଭମାନଙ୍କ ନିକଟରେ ସ୍ୱପ୍ନପରି । ଫେରିଲା ବେଳର ଗୋଟିଏ ସାମାନ୍ୟ ଘଟଣା ଲେଖୁଅଛୁ ——

ମୁଁ ମୋର ଅନ୍ୟ ଦୁଇଜଣ ବନ୍ଧୁଙ୍କ ସହିତ ମାନ୍ଦ୍ରାଜରୁ ଫେରି 'ଭିଜାଗାପଟ୍ଟମ' ଦେଖିବା ସକାଶେ ରେଳରୁ ଓହ୍ଲାଇ ଥିଲୁ ।

ଅତିଥି ଚର୍ଚ୍ଚାରେ ମୋର ନିଜର ଅନୁଭୂତି

ଅକସ୍ମାତ ଆମ୍ଭେମାନେ ସେଦିନ ୧୧ଟାବେଳେ 'ଅପାରାଓ' ବୋଲି ଜଣେ ଲୋକର ଘରେ ପହଞ୍ଚି ଥିଲୁଁ । ତାଙ୍କ ଘର ଠିକ୍ ସମୁଦ୍ରକୂଳରେ । ଅପାରାଓ ଜଣେ ବୁଢ଼ା, ପେନସନ ଭୋଗି ଡାକ୍ତର । ସେ ଆମ୍ଭମାନଙ୍କୁ ଘରକୁ ନେଇ ବସାଇ ଦେଇ ଚାଲିଗଲେ, ଏବଂ କହିଗଲେ (I am going on some important work, shall come back at 3 or 4.) ମୁଁ କୌଣସି ବିଶେଷ କାର୍ଯ୍ୟରେ ଯାଉଛୁ ୩ଟା ବା ୪ଟା ବେଳେ ଫେରି ଆସିବ ।

Digitized by PPRACHIN, SOA

ଓଡଣା

ବସ ନ ଯାଉଣୁ ତାଙ୍କ ସ୍ତ୍ରୀ, ଝିଅ, ବୋହୂ ପ୍ରାୟ ଆଠ ଦଶଜଣ ଆସି ଆମ ପାଖରେ ପହଞ୍ଚିଲେ । ସେମାନେ ସମସ୍ତେ ପ୍ରାୟ ଇଂରେଜ କହି ପାରନ୍ତି । ଆମ୍ଭେମାନେ ଗାଧୁଆ ପାଧୁଆ କରି ନ ଥିଲୁଁ । ସେମାନଙ୍କ ମଧ୍ୟରୁ କିଏ ତେଲ ଦେଲା, କିଏ ଗାଧୋଇବା ଘର ଦେଖାଇ ଦେଲା । ଆମ୍ଭେମାନେ ଗାଧୋଇଲୁ । ଗାଧୋଇ ସାରିଲା ମାତ୍ରେ ଆମ୍ଭମାନଙ୍କୁ ଆନନ୍ଦର ସହିତ ବୁଲାଇ ସବୁଘର ଦେଖାଇଲେ ଓ ସେମାନଙ୍କର ପରିଚୟ ଦେଲେ । ପ୍ରାୟ ଗୋଟାଏ ବେଳକୁ ଖାଇବାକୁ ଡାକିଲେ । ଆମ୍ଭେମାନେ ଖାଇ ବସିଲୁଁ । ସେମାନେ ସମସ୍ତେ ଆମ ପାଖରେ ଉପସ୍ଥିତ ରହି, ମାଆ ଭଉଣୀଙ୍କୁ ବଳି ଖାଇବା ଜିନିଷ ସବୁ ଯୋଗାଉ ଥାନ୍ତି । ଅଦ୍ୟାପି ସେ ଦୃଶ୍ୟ, ସେମାନଙ୍କ ସ୍ୱଚ୍ଛନ୍ଦ ପବିତ୍ର ବ୍ୟବହାର ମୋର ମନେ ଅଛି । ମାଆ ଯେପରି — "ଆଉ ଟିକେ ଦିଏଁ, ଆଉ ଟିକେ ଦିଏଁ" କହି, ଯେଉଁ ପଦାର୍ଥଟି ଭଲ ହୋଇଥାଏ — ସେହି ପଦାର୍ଥଟି ଯାଚନ୍ତି; ସେମାନେ ସେହିପରି ଜିଦ୍ଧରି ଅମ୍ଭମାନଙ୍କୁ "Some more, Some more" କହି ଖାଇବାକୁ ଦେଉଥାନ୍ତି । ନାରୀଜାତି ମାତୃଜାତି ବୋଲି ମୋର ସେହିଦିନ ଠାରୁ ଧାରଣା ଜନ୍ମିଲା । ସେହି ଦିନଠାରୁ ଜାଣିଲି ନାରୀ-ଜାତି ପ୍ରକୃତରେ ଦେବୀ । ସେମାନଙ୍କ ନାମ ସହିତ ଦେବୀ ଶବ୍ଦଯୁକ୍ତ ହେବାର କାରଣ ସେହି ଦିନଠାରୁ ବୁଝିଲି । ସେହି ଦିନଠାରୁ ଆମଦେଶର ଓଢ଼ଣା ପ୍ରଥା ପ୍ରତି ମୋର ଘୃଣା ଜନ୍ମିଲା । ମୁଁ ବର୍ତ୍ତମାନ ବେଶ ବୁଝି ପାରୁଅଛି—

Digitized by PPRACHIN, SOA

ଆମ୍ଭମାନଙ୍କର ଚରିତ୍ର ହୀନତାର ପ୍ରଧାନ କାରଣ ଏହି ଓଢ଼ଣା, ଦେଶରେ ବ୍ୟଭିଚାରର ବୃଦ୍ଧିର ଏକମାତ୍ର କାରଣ ଏହି ଓଢ଼ଣା, ଆମ୍ଭମାନଙ୍କର ଶାରୀରିକ ମାନସିକ ଓ ନୈତିକ ଦୁର୍ବଳତାର ଏକମାତ୍ର କାରଣ ଏହି ଓଢ଼ଣା, ଆମ୍ଭମାନଙ୍କର ସମସ୍ତ ପ୍ରକାର ଅଧୋଗତିର କାରଣ ଏହି ଓଢ଼ଣା ।

ଆମ୍ଭମାନଙ୍କ ଗୃହର ଅତିଥିଚର୍ଚ୍ଚାରେ ନାରୀର ବ୍ୟବହାର

ଆମ ଘରକୁ କେହି ଅତିଥି ଆସିଲେ ଆମଘରର ଗହଣା ପିନ୍ଧା ସ୍ତ୍ରୀଲୋକମାନେ ଝୁମୁରୁ ଝୁମୁରୁ ଶବ୍ଦ କରି କବାଟ ପାଖକୁ ଆସିବେ । ଅତିଥିର ମନ ଆକର୍ଷଣ କଲାପରେ କବାଟ କଣରେ ଚୋରଣୀଙ୍କ ପରି ଲୁଙ୍ଗୁ ପୁଙ୍ଗୁ ହେଉଥିବେ । ଖଞ୍ଜରେ ଖଞ୍ଜରେ ଟିକିଏ ଟିକିଏ ଓଢ଼ଣା ଭିତରୁ ଚାହୁଁଥିବେ । ନିଜ ନିଜର ଗହଣା କୌଶଳରେ ଦେଖାଉ ଥିବେ । ଥଟା ପରିହାସି ଲୋକ ହେଲେ ତାଙ୍କ ଥଟା କଥା ଟିକିଏ ଟିକିଏ କହୁଥିବେ ।

ଏହି କଦର୍ଯ୍ୟ କୁତ୍ସିତ ପ୍ରଥା ଇନ୍ଦ୍ରିୟପରାୟଣ ଲୋକମାନଙ୍କର କାମ ପ୍ରବୃତ୍ତିକୁ ଯଥେଷ୍ଟ ସାହାଯ୍ୟ କରେ । ତେଣୁ ସେହି କାମାଶକ୍ତ ପଶୁମାନେ ଏହି କଦର୍ଯ୍ୟ ପ୍ରଥାକୁ କେବଳ ସମର୍ଥନ କରି ପାରନ୍ତି ।

Digitized by PPRACHIN, SOA

ଓଢ଼ଣା

ଓଢ଼ଣାର ଅର୍ଥ ମୁହଁ ଲୁଚାଇବା । ଏହି ଓଢ଼ଣା ନେବା, ଝିଅପିଲାମାନଙ୍କୁ ବିବାହ ସଙ୍ଗେ ସଙ୍ଗେ ଶିକ୍ଷା ଦିଆଯାଏ । ପୁଅମାନଙ୍କୁ ଶିକ୍ଷା ନ ଦେଲେ ସୁଦ୍ଧା ସେମାନେ ଆପେ ଆପେ ଶିଖିଯାଇ ମୁହଁ ଲୁଚାନ୍ତି । ମୁଣ୍ଡରେ ଲୁଗାଥିଲେ ସେମାନେ ମଧ୍ୟ ଓଢ଼ଣା ଦିଅନ୍ତି । ମୁରବିମାନଙ୍କ ପାଖରେ ବିବାହର ନାମ ଧରିବାକୁ ସୁଦ୍ଧା ଲଜ୍ଜା ବୋଧ କରନ୍ତି । ବି.ଏ. ଏମ୍.ଏ. ପାଶ କରିଥିବା ଦରବୁଢ଼ା ବରଙ୍କର ମଧ୍ୟ ସେହି ମୁହଁଲୁଚା ! ଧନ୍ୟ ଆମର ଶିକ୍ଷା ! ଧନ୍ୟ ଆମର ସଭ୍ୟତା ! ଧନ୍ୟ ଆମର ସମାଜ ! ବିବାହ ପରି ଦାୟିତ୍ୱପୂର୍ଣ୍ଣ ପବିତ୍ର ବନ୍ଧନ, ପବିତ୍ର ସମ୍ବନ୍ଧକୁ ଆମ୍ଭେମାନେ ଲୁଚେଇ ବିଭାଘର ପରି ଖେଳଘର କରି ରଖିଲୁଣି । ଓଢ଼ଣା ଭିତରେ ରଖି କଳୁଷିତ କରି ସାରିଲୁଣି ।

ପୁରୁଷଙ୍କର ମଧ୍ୟ ଓଢ଼ଣା ଅଛି

ହାୟ ! କେବେ ଆମ୍ଭମାନଙ୍କର ଚୈତନ୍ୟ ଉଦୟ ହେବ ? କେବେ ଅନ୍ଧ ଆମ୍ଭମାନଙ୍କର ବିବେକଚକ୍ଷୁ ଫିଟିବ ? କେବେ ଆମ୍ଭମାନଙ୍କର ଦୁର୍ଦ୍ଦଶା ଦୂର ହେବ ? କେବେ ଆମ୍ଭମାନଙ୍କ ସମାଜରୁ ଏହିପରି ଖେଳ ବନ୍ଦ ହେବ ? କେବେ ଆମ୍ଭେମାନେ ବୁଝିପାରିବୁଁ ଯେ—ବିବାହ ଗୋଟିଏ ପବିତ୍ର ଦାୟିତ୍ୱପୂର୍ଣ୍ଣ ସମ୍ବନ୍ଧ ! ଲୋକେ ପାପକୁ ଲୁଚାନ୍ତି, ଅନ୍ୟାୟକୁ ଲୁଚାନ୍ତି, କରଜ କରିଥିଲେ ଲୁଚାନ୍ତି, ନିଶାଖାଉଥିଲେ ଲୁଚାନ୍ତି, ଲୋକେ ଗୁହକୁ ଲୁଚାନ୍ତି—ମୁହଁକୁ ଲୁଚାଇବାକୁ କିଏ କହିଛି ? ପବିତ୍ରବନ୍ଧନ ବିବାହକୁ ଲୁଚାଇବାକୁ, ତାକୁ ନେଇ ଖେଳ ଖେଳିବାକୁ କିଏ କହୁଛି ?

ସତେ ଆମ୍ଭମାନଙ୍କ ଅବସ୍ଥା ବଦଳିବ ?

Digitized by PPRACHIN, SOA

ଯେଉଁମାନେ ପିଲାଦିନରୁ ଉତ୍ତୁଣା ଦେଇ ବୁଢ଼ୀ ହେଲେଣି ସେମାନଙ୍କ କଥା ଛାଡ଼ । କାରଣ ସେମାନଙ୍କ ପକ୍ଷରେ ଉତ୍ତୁଣା

ବୁଢ଼ିଙ୍କୁ ଅନୁରୋଧ

ଛାଡ଼ିବା କଠିନ ହେବ । ସେମାନଙ୍କ ନାକ କାନରେ ମରିହଛି ଗହଣା ସବୁ ରହୁଛି—ବର୍ଷ ବର୍ଷ କରି ସେମାନେ ଗହଣା ଓ ଓଢ଼ଣାରେ କେତେ କାଳ କଟାଇ ଦେଲେଣି, ସେମାନଙ୍କୁ ଓଢ଼ଣା କାଢ଼ିବାକୁ, ଗହଣା—ଛାଡ଼ିବାକୁ କେହି ବାଧ୍ୟ କରୁ ନାହିଁ; କିନ୍ତୁ ଓଢ଼ଣାଦିଅ, ଗହଣା ପିନ୍ଧା, ବୁଢ଼ୀ, ଦରବୁଢ଼ୀମାନଙ୍କୁ ଏତିକି ଅନୁରୋଧ ଯେ—ସେମାନେ ଅସ୍ତେ ଅସ୍ତେ ଟିକେ ଟିକେ କରି ଅଫିମ ଅଭ୍ୟାସ ଛାଡ଼ିଲା ପରି ଏହି କୁତ୍ସିତ ଅଭ୍ୟାସକୁ ଛାଡ଼ନ୍ତୁ । କାରଣ ତାହା ନ କଲେ ସେମାନଙ୍କ ପିଲାଟି-ମାନଙ୍କର ସର୍ବନାଶ ହେଉଛି ଓ ହେବ । ଯଦି ତାହା କରି ନ ପାରନ୍ତି, ତେବେ ନିଜେ ଅଫିମ ଖାଆନ୍ତୁ ପଛକେ, ଉତ୍ତୁଣା ଦଅନ୍ତୁ ପଛକେ, ସାବଧାନ ରହନ୍ତୁ । ଯେପରି ପିଲାମାନେ ତାଙ୍କଠାରୁ ଏହି କୁତ୍ସିତ ପ୍ରଥା ଅନୁକରଣ ନ କରନ୍ତୁ । ଏହି କଦର୍ଯ୍ୟ ଅଭ୍ୟାସ ଶିକ୍ଷା ନ କରନ୍ତୁ ।

କେବଳ ମୁହଁରୁ ଲୁଗା କାଢ଼ିଦେଇ ସଭା ସମିତିରେ ଯୋଗ ଦେଲେ ଅମ୍ଭମାନଙ୍କର କାର୍ଯ୍ୟ ଶେଷ ହେଲା ନାହିଁ । ଓଢ଼ଣା ଛାଡ଼ିବା

କେବଳ ମୁହଁଦେଖା-ଇବା ଉତ୍ତୁଣା ଛାଡ଼ିବା ନୁହେଁ

ଅର୍ଥାତ୍ ଲଜ୍ଜା ଛାଡ଼ିବା ବଡ଼ କଠିନ । ଭୟ ଛାଡ଼ିବା ଯେପରି କଠିନ, ଲଜ୍ଜା ଛାଡ଼ିବା ସେହି-ପରି କଠିନ । ସତ୍ୟର ଆଶ୍ରୟ ନ ନେଲେ ପ୍ରକୃତରେ ଭୟ ଛାଡ଼ିବା ଅସମ୍ଭବ । ସେହିପରି

Digitized by PPRACHIN, SOA

ଓଢ଼ଣା

ହୃଦୟର ଅପବିତ୍ର ଭାବନା ଦୂର ନ ହେବା ପର୍ଯ୍ୟନ୍ତ, ହୃଦୟର ପବିତ୍ରତା ଓ ସରଳତା ନ ଆସିବା ପର୍ଯ୍ୟନ୍ତ, ପ୍ରକୃତରେ ଓଢ଼ଣା ବା ଲଜ୍ଜା ଛାଡ଼ିବା କଠିନ । *

ଥଟ୍ଟା ପରିହାସ ମନକୁ ଅପବିତ୍ର କରିଥାଏ

ଓଢ଼ଣା ମଧ୍ୟରେ ଯେଉଁ ଥଟ୍ଟା ତାମସାର ଲୀଳା ସେ ତୁଣି ଅଗ୍ନେୟ ବାଷ୍ପ ସ୍ୱାହା ପରି ଅତି ଭୟଙ୍କର । ଦିଅର—ଭାଉଜ ଥଟ୍ଟା, ଶଳା—ଭିଣୋଇ ଥଟ୍ଟା, ଅଈ—ନାତୁଣୀ ଥଟ୍ଟା ଇତ୍ୟାଦି କେତେ ଅଛି ! ଏ ସବୁ ଥଟ୍ଟା ପରିହାସର ମୂଳରେ କଣ ରହିଅଛି ?—ରହିଛି, କେବଳ ସେହି ଅପବିତ୍ର ଭାବନା । ଏହି ସବୁ ଥଟ୍ଟା ତାମସାର ବିଷମୟ ଫଳ ସମସ୍ତେ ଅନୁଭବ କରୁଅଛନ୍ତି ! ଥଟ୍ଟା ଯଦି ପବିତ୍ରପଦାର୍ଥ ବୋଲି କେହି କହେ—ତେବେ ବାପା—ଝିଅର ଥଟ୍ଟା ହେଉ, ଶ୍ୱଶୁର—ବୋହୂର ଥଟ୍ଟା ହେଉ, ଦେଢ଼ଶୁର—ଭାଇବୋହୂର ଥଟ୍ଟା ହେଉ ।

ଯାହା ପବିତ୍ର, ଯାହା ସତ୍ୟ ତାହା ସବୁଠାରେ ପ୍ରଯୋଜ୍ୟ ବାଛି ନେଇ କେତୋଟି ଲୋକଙ୍କ ସହିତ ଥଟ୍ଟା କରିବା ଚରିତ୍ରହୀନତା ଓ ଅପବିତ୍ରତାର ଲକ୍ଷଣ ବ୍ୟତୀତ ଅନ୍ୟ କିଛି ହୋଇ ନ ପାରେ ।

ଓଢ଼ଣା ପ୍ରଥା ଉଠିଯିବା ସଙ୍ଗେ ସଙ୍ଗେ ଯେ ଲୋକେ ଚରିତ୍ରବାନ୍ ହୋଇଯିବେ—ମୁଁ ଏ କଥା କହୁନାହିଁ । କିନ୍ତୁ ଯଦି ପ୍ରକୃତ

---

* ଏ ସମ୍ବନ୍ଧରେ ମୋର "ଦୟା କର ନାହିଁ" ବହିରେ ବିଶେଷ ଆଲୋଚନା ହୋଇଅଛି ।

Digitized by PPRACHIN, SOA

କନ୍ୟାମାନଙ୍କୁ ଚରିତ୍ରବାନ୍ ଓ ସୁସ୍ଥ, ସବଳ କର ଜଗତର ମଙ୍ଗଳ କାମନା କର, ତେବେ ସର୍ବପ୍ରଥମେ ଏହି କୁତ୍ସିତ ପ୍ରଥାକୁ ଧ୍ୱଂସ କର ।

ହେ ଭାଇ ଆଉ ଭଉଣୀମାନେ, ତୁମ୍ଭେମାନେ ଯେଉଁଦିନ ବୁଝିବ ବିବାହପର ପବିତ୍ରବନ୍ଧନକୁ ଓଢ଼ଣାଭିତରେ ରଖିବାଦ୍ୱାରା ଆମ୍ଭେମାନେ ଦିନକୁ ଦିନ ଚରିତ୍ରହୀନ ହୋଇ ଦୁର୍ବଳ ହେଉ-ଅଛୁଁ, ଯେଉଁଦିନ ବୁଝିବ ସ୍ତ୍ରୀଲୋକମାନଙ୍କର ମୁହଁ ଲୁଚାଇବା ପ୍ରଥା ଆମ୍ଭମାନଙ୍କୁ ଅଙ୍ଗେ ଅଙ୍ଗେ କାମାଶକ୍ତ ପଶୁରେ ପରିଣତ କରି ସାରିଲଣି, ସେହିଦିନ ଏହି ଉଢ଼ଣାକୁ ପୋଡ଼ି ପକାଇବାକୁ ଇଚ୍ଛା ସ୍ୱତଃ ଜାଗ୍ରତ ହେବ । ଏ କଥା ବୁଝିବାକୁ କଣ ଆଉ ସମୟ ବାକି ଅଛି ?

Digitized by PPRACHIN, SOA

ବାଲ୍ୟବିବାହ

ଅନେକ ଶିକ୍ଷିତଙ୍କ ମୁହଁରୁ ଶୁଣାଯାଏ 'ବାଲ୍ୟବିବାହ ଉଠିଯିବା ସକାଶେ ଆଇନ ହୋଇ ଗଲାଣି, ତାହା ଆପେ ଆପେ ଉଠିଯିବ ଏଥିପାଇଁ ଚେଷ୍ଟା କରିବାର ଦରକାର ନାହିଁ । ଆଇନ ହୋଇଛି ସୁଖର କଥା, କିନ୍ତୁ ଆମ୍ଭେମାନେ କେବେ ନିଜନିଜର ସରଳ ସତ୍ୟ ଉପରେ ନିର୍ଭର କରିବାକୁ ଶିଖିବା, କେବେ ଆମ୍ଭେମାନେ ହୃଦୟର ଅନୁଭୂତି ଓ ବିବେକର ମୂଲ୍ୟ ବୁଝିପାରି ନିଜକୁ ମନୁଷ୍ୟ ବୋଲି ପରିଚୟ ଦେବା ? ଆମ୍ଭେମାନେ ଆଉ କେତେଦିନ ଅନ୍ଧପରି ଅନ୍ୟ ଜଣକର ଆଙ୍ଗୁଠି ଧରି ଧରି ଶାସ୍ତ୍ର ପୁରାଣ ମାନି ମାନି, ଆଇନ ମାନି ମାନି ଚାଲୁଥିବା ଓ ବଢ଼ାଣ୍ଡ ବାନ୍ଧି ଶ୍ରାଦ୍ଧ କରୁଥିବା ?

ଆମ ଦେଶରେ କଥାଅଛି—'ପାଞ୍ଚଶ ଝିଅରେ ବସାଇଲି ଗାଁ, ତେବେତ ନ ଗଲା ଅଣ୍ଟୁକୁଡ଼ା ନାଁ ' କେବଳ ଏତିକି ନୁହେଁ, ଏହିପରି ଅନେକ ପ୍ରଚଳିତ କଥାରୁ ପ୍ରମାଣ ମିଳୁଅଛି ଯେ ଆମ୍ଭେମାନେ ନାରୀଜାତିକୁ ହେୟଜ୍ଞାନ କରୁଁ ।

ବାଳିକାକୁ ଆମେ ହେୟଜ୍ଞାନ କରୁଁ

ଯେଉଁ ଝିଅ ସବଳ, ସୁସ୍ଥକାୟ, ସତ୍ୟପ୍ରିୟ ଓ ନିର୍ଭୀକ ପୁତ୍ର ପ୍ରସବ କରି ଦେଶର ମଙ୍ଗଳସାଧନ କରିବ ; ସେହି ଝିଅକୁ

Digitized by PPRACHIN, SOA

ଅମ୍ଭେମାନେ ହେୟଜ୍ଞାନ କରି ତାର ସ୍ୱାସ୍ଥ୍ୟ ଓ ଶିକ୍ଷାପ୍ରଭୃତି ଦୃଷ୍ଟି ନ ଦେଇ ୭।୮ ବର୍ଷ ଦିନୁ ଗହଣା ପିନ୍ଧାଇ, ଉତ୍ତୁଣୀଟିଏ ଦେଇ, ବିବାହ କରି ଦେଉଛୁଁ । ବିବାହ ପରେ ଏପରି ସମୟ ଆସୁଛି ୧୦।୧୧ ବର୍ଷ ବେଳେ ଗହଣା ଓହ୍ଲାଇ ବିଧବା କରି ଦେଉଅଛୁଁ । ଯେଉଁମାନେ ବିଧବା ନ ହେଲେ ସେମାନଙ୍କୁ ୧୩।୧୪ ବର୍ଷରେ ମଲ୍ଲ, ଦରମଲ୍ଲ, ରୋଗା ପୁଅ ଝିଅର ମାଆକରି କାହାରିକୁ ଯମଦ୍ୱାରକୁ ପଠାଇ ଦେଉଛୁଁ ଏବଂ ଆଉ ଗୋଟିଏ କନ୍ୟାର ପାଣିଗ୍ରହଣ କରି ପୁଣି ଆଉ ଥରେ ଗୃହ ଯୋଡୁ ଅଛୁଁ । ଯେଉଁମାନେ ବଞ୍ଚି ରହୁଛନ୍ତି, ସେମାନେ ନାନା ଉତ୍-କଟ ରୋଗରେ ପଡ଼ି ୧୭ । ୧୮ ବର୍ଷରେ ବୃଦ୍ଧୀ ମଧ୍ୟ ହୋଇ ଯାଉ ଅଛନ୍ତି । ଏପରି ବିଧିସୃଷ୍ଟିର ଅମୂଲ୍ୟ ଦାନ ନାରୀ-ଜାତିକୁ ଜଡ଼ କୁଣ୍ଢେଇ ପରି ବ୍ୟବହାର କରି-ବାକୁ ଆମ୍ଭଙ୍କୁ କିଏ ଅଧିକାର ଦେଇଅଛି ? ଗୋଟାଏ ଜାତିକୁ ଏପରି ଦଳାଦଳି କରି ସର୍ବନାଶ କରିବାକୁ ଅମ୍ଭେମାନେ ଶକ୍ତିଶାଳୀ ହୋଇଛୁଁ କାହିଁକି ? ପାପରୁ ନାଁ ପୁଣ୍ୟରୁ ? ଧ୍ୱଂସ ପାଇଁ ନାଁ ରକ୍ଷାପାଇଁ ? ଏ କଥା ଆମ୍ଭମାନଙ୍କର ବୁଝିବା ଉଚିତ ନୁହେଁ କି ?

ନାରୀ ପୁରୁଷ-ହାତର ଖେଳନା

ପୁଣି ବିଧବା ବାଳିକାମାନଙ୍କର ଦୁଃଖ ଓ ମାନସିକ ଯନ୍ତ୍ରଣା-ଜୀବନବ୍ୟାପୀ ସେମାନେ କିପରି ଭୋଗ କରନ୍ତି,—ତାହା ସେମାନେ ନେ ଆଉ ଅନ୍ତର୍ଯ୍ୟାମୀ ଜାଣନ୍ତି । ୧୩ । ୧୪ ବର୍ଷର ମେଟ୍ରେଲିରସ୍ଥା ପ୍ରପୀଡ଼ିତା ଯେଉଁ ଝିଅ ପ୍ରସବ କଷ୍ଟରେ ହା ହତାଶ ଜୀବନ ଯାପନ କରେ, ତାର ଦୁଃଖ ତାହା ଛଡ଼ା ଆଉ କିଏ ଜାଣେ ? ବାସ୍ତବିକ୍

Digitized by PPRACHIN, SOA

ବାଲ୍ୟବିବାହ

ନାରୀଜାତିର ଦୁଃଖ ଦୁର୍ଦ୍ଦଶା ସେହି ନାରୀଜାତିହିଁ ବୁଝି ପାରିବ । ପୁରୁଷ କାହୁଁ ବୁଝିବ ? ସ୍ୱାର୍ଥପର ପୁରୁଷ ସର୍ବଦା ତାହାର ସ୍ୱାର୍ଥ ଚିନ୍ତାରେ ବ୍ୟସ୍ତ — ଆମୋଦ ପ୍ରମୋଦରେ ମତ୍ତ ।

ବାଲ୍ୟ ବିବାହ କେବଳ ପିଲାଖେଳ

ଏ କଥାରେ ସମସ୍ତେ ଏକମତ ହେବେ ଯେ—ଗାର୍ହସ୍ଥ୍ୟ ଜୀବନର ଆରମ୍ଭରେ ଯେଉଁ ଆତ୍ମସମର୍ପଣ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ହୋଇଥାଏ, ତାର ନାମ ବିବାହ । ସେହିପରି ବିବାହ ପାଇଁ ମଧ୍ୟ ପ୍ରାଚୀନ ଋଷିମାନେ ବେଦରେ ଯେଉଁ ମନ୍ତ୍ରାଦି ରଚନା କରି ଯାଇଅଛନ୍ତି, ତାହା କଦାଚ ଶିଶୁମାନଙ୍କ ପାଇଁ ଲେଖା ହୋଇ ନାହିଁ କିମ୍ବା ଗ୍ରାମୋଫନରେ ଗୀତ ଗାଇଲା ପରି ଗୀତ ଗାଇବାକୁ ଲେଖାଯାଇ ନାହିଁ । ମନ୍ତ୍ରର ଅର୍ଥ ବୁଝି ତଦନୁସାରେ ସଂସାରଯାତ୍ରା ନିର୍ବାହ କରିବାକୁ ଲେଖା ଯାଇଅଛି । ମାତ୍ର ମନ୍ତ୍ରର ଅର୍ଥ ବୁଝି କେତେଜଣ ବିବାହ କରୁଅଛନ୍ତି ? ପିଲାଙ୍କ କଥା ପଛକୁ ଥାଉ ବୁଢ଼ା ବୁଢ଼ୀଙ୍କ ପରୁର ବିବାହରେ ଯେଉଁ ମନ୍ତ୍ର ପଢ଼ାଯାଏ ତାର ଅର୍ଥ କେତେଜଣ ଜାଣନ୍ତି ?

କେବଳ ହିନ୍ଦୁସମାଜ କାହିଁକି, ଦେଶ ଯଦି ମନ୍ତ୍ର ସବୁର ଅର୍ଥ ବୁଝି ନିଜ ନିଜର ବୁଦ୍ଧି ଓ ବିବେକ ପ୍ରୟୋଗ କରି ଚାଲୁଥାଆନ୍ତା, ତେବେ ସମାଜର ଅବସ୍ଥା, ଦେଶର ଅବସ୍ଥା, ଏପରି ଶୋଚନୀୟ ହୋଇ ନ ଥାଆନ୍ତା । ବିବାହପରି ଦାୟିତ୍ୱପୂର୍ଣ୍ଣ ପବିତ୍ର ସମ୍ବନ୍ଧ ଆଜି କୁଣ୍ଢେଇ ଖେଳରେ ପରିଣତ ହୋଇ ନ ଥାନ୍ତା ।

Digitized by PPRACHIN, SOA

ଅଥ ମନ୍ତ୍ରର ଜୀବନ—ଜୀବନଶୂନ୍ୟ ଦେହ ଅର୍ଥାତ୍ ମୂର୍ଦ୍ଦାରକୁ ଘରେ ସାଇତି ରଖିବା ଯେପରି ନିଷ୍ପ୍ରୟୋଜନ, ଅର୍ଥଶୂନ୍ୟ ମନ୍ତ୍ରକୁ ସମାଜରେ ସାଇତି ରଖିବା ସେହିପରି ନିଷ୍ପ୍ରୟୋଜନ। ମନ୍ତ୍ରର ଅର୍ଥରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ ଋଷିମାନେ କଦାଚ ଏପରି ପିଲାଖେଳ କରିବାକୁ କହି ନାହାନ୍ତି। ଅତଏବ ମନ୍ତ୍ରର ଅର୍ଥ ବୁଝି ବାଲ୍ୟବିବାହ ବନ୍ଦକର୍—ନଚେତ୍ ଅର୍ଥଶୂନ୍ୟ ମନ୍ତ୍ରକୁ ମୂର୍ଦ୍ଦାରପରି ପୋଡ଼ି ପକାଅ। ଶାସ୍ତ୍ର ପୁରାଣରେ ଯୁବତୀ ବିବାହର ଅସଂଖ୍ୟ ନଜିର ଥିଲେ ସୁଦ୍ଧା ସେ ସବୁ ନଜିରରେ ଆମ୍ଭମାନଙ୍କର କୌଣସି ଆବଶ୍ୟକ ନାହିଁ। ହାତର କଙ୍କଣକୁ ଆଖିରେ ନ ଦେଖି ଦର୍ପଣରେ ଦେଖିବା ଆବଶ୍ୟକ କଣ? ଆମ୍ଭେମାନେ ଯାହା ସୁନ୍ଦରରୂପେ ବୁଝି ପାରୁଅଛୁଁ ସେଥି ସକାଶେ ପୁରାଣ ଘାଣ୍ଟିବା ନିର୍ବୋଧତା ନୁହେଁ କି? ବାଲ୍ୟବିବାହର ଫଳ ଭଲ କି ମନ୍ଦ ସେ ସମ୍ବନ୍ଧରେ ସେହି ନାରୀଜାତିକୁ ପଚାରିଲେ ସେମାନେ ଯେଉଁ ଉତ୍ତର ଦେବେ ତାହାହିଁ ପ୍ରକୃତ ଉତ୍ତର।

ବାଲ୍ୟବିବାହରେ ଆତ୍ମସମର୍ପଣର ଗନ୍ଧ ନାହିଁ। ମନ୍ତ୍ର ସହିତ ବର କନ୍ୟାଙ୍କର କୌଣସି ସମ୍ପର୍କ ନାହିଁ। ତେଣୁ ତାହା କୌଣସି ମତେ ବିବାହ ନୁହେଁ—ତାହାର ମନ୍ଦଫଳ।

ଦେଶର ଯୁବକ ସମ୍ପ୍ରଦାୟ ପ୍ରାଣେ ପ୍ରାଣେ ଅନୁଭବ କରିପାରୁ ଥିବେ। ସେମାନଙ୍କୁ ପଚାରିଲେ ତାର ଉତ୍ତର ସେମାନେ ପରିଷ୍କାର ଦେଇ ପାରିବେ। ନାରୀଜାତି ଓ ଯୁବକମାନେ ଏହି ଖେଳନା ବ୍ୟବସାୟ ରୂପକ ନିଷ୍ଠୁର ପ୍ରଥାକୁ ଏବଂ ଏ ସମ୍ବନ୍ଧରେ ହେଉଥିବା

Digitized by PPRACHIN, SOA

ମେଳକମାନଙ୍କର ଦଳାଦଳିଗିରିକୁ ଧ୍ୱଂସ କରିବାକୁ ଯତ୍ନଶୀଳ ହୁଅନ୍ତୁ ।

ସମାଜରେ ପୁରୁଷ ସ୍ତ୍ରୀର ସମାନ ପ୍ରୟୋଜନ

ପୁରୁଷ ଓ ସ୍ତ୍ରୀ ଉଭୟ ମିଶି ସମାଜ ଏବଂ ପ୍ରକୃତ ଜୀବନ । ସମାଜ ସଂସ୍କାର କର, ଜୀବନର ଉନ୍ନତି ବା ବିକାଶ କର ସେଥିପାଇଁ ପୁରୁଷର ଯେତିକି ପ୍ରୟୋଜନ—ନାରୀର ମଧ୍ୟ ସେତିକି ପ୍ରୟୋଜନ । ଯେଉଁ ସବୁ କୁସଂସ୍କାର ଦ୍ୱାରା ନାରୀ ଜାତିର ବିଶେଷ କ୍ଷତି ହେଉଅଛି, ଯେଉଁ ସବୁ କୁସଂସ୍କାରର ମନ୍ଦଫଳ ନାରୀଜାତି ଭୋଗକରି ବେଳୁବେଳ ଦୁରବସ୍ଥା ଭୋଗୁଛି—ସେ ସବୁ ବିଷୟରେ ନାରୀର ଜାଗରଣ ସର୍ବପ୍ରଥମ କର୍ତ୍ତବ୍ୟ ଅବଶ୍ୟକ ।

ବାଲ୍ୟ ବିବାହକୁ ଧ୍ୱଂସକର

ବିବାହ ପୁରୁଷର ଯେପରି ଲୋଡ଼ା, ସ୍ତ୍ରୀର ସେହିପରି ଲୋଡ଼ା । ବିବାହ ପରି ପ୍ରୟୋଜନୀୟ ପବିତ୍ରସମ୍ବନ୍ଧ ସଂସାରରେ ଆଉ ଦ୍ୱିତୀୟ ନାହିଁ । ପୁରୁଷ ଓ ସ୍ତ୍ରୀ ଉଭୟେ ପରାମର୍ଶ କରି ଏହି ପ୍ରୟୋଜନୀୟ ସମ୍ବନ୍ଧଟିକୁ କୁତ୍ସିତ ଖେଳରେ ଅଭିନୟ ନ କରି ଦାୟିତ୍ୱପୂର୍ଣ୍ଣ ଓ ପବିତ୍ର ସମ୍ବନ୍ଧରେ ପରିଣତ କରନ୍ତୁ—ଯଦ୍ୱାରା ଦେଶ, ଜାତି ଓ ମାନବସମାଜର ମଙ୍ଗଳ ସାଧିତ ହେବ । ସମାଜରେ ଯୁବତୀ-ବିବାହ ପ୍ରଚଳିତ ହେଲେ ଦେଶର ମଙ୍ଗଳ ହୋଇଯିବ ମୁଁ ସେକଥା କହୁ ନାହିଁ—

Digitized by PPRACHIN, SOA

ନାରୀମଙ୍ଗଳ

କିନ୍ତୁ ଏହି ବିବାହର ଦାୟିତ୍ୱ ଓ ପବିତ୍ରତା ବରକନ୍ୟା ଉଭୟ ହୃଦୟଙ୍ଗମ କରି ଉପଯୁକ୍ତ ସମୟରେ ବିବାହ କରନ୍ତୁ ତେବେ ଦେଶର ଭବିଷ୍ୟତ ମଙ୍ଗଳ ସୁନିଶ୍ଚିତ—ବାଲ୍ୟବିବାହ ବା କୁଣ୍ଢେଇ ଖେଳ ଦେଶରୁ ନିର୍ବାସିତ ନ ହେବା ପର୍ଯ୍ୟନ୍ତ ଦେଶର ଭବିଷ୍ୟତ କଲ୍ୟାଣର ଆଶା ଦୁରାଶା ମାତ୍ର !

Digitized by PPRACHIN, SOA

ଅନ୍ୟଥା ଅର୍ଥବ୍ୟୟ

Digitized by PPRACHIN, SOA

ଗହଣା

ଆମ୍ଭେମାନେ ଏକୋଇଶା ଦିନରୁ ପିଲମାନଙ୍କୁ ଗହଣା ଦେବାକୁ ଆରମ୍ଭ କରୁଁ । ପିଲଟିର ଖାଇବା ସକାଶେ ଦୁଧ ନାହିଁ, ଗାଈଟିଏ କିଣିବାକୁ ଘରେ ପଇସା ନାହିଁ, ଅଥଚ ଏଣେ ଏକୋଇଶା ଦିନ ଦୁଇ ଚିଜ ଗହଣା ନ କଲେ ଓ ସାଇପଡ଼ିଶାଙ୍କୁ ମୂଠାଏ ଭଲ କରି ଖାଇବାକୁ ନ ଦେଲେ ଲୋକେ କଣ କହିବେ ? ଏହି ଲୋକ ନିନ୍ଦା ଭୟରୁ ରକ୍ଷା ପାଇବା ସକାଶେ—ମହାଜନ ଘରୁ ଶହେଟଙ୍କା କରଜ ଆଣିଲେ । ମହାଜନକୁ କହି ଆସିଲେ—ସେ ଯେପରି ମୋର କରଜ ନେଇଥିବା କଥା କାହାରିକୁ ନ କହେ । କାରଣ ଲୋକେ ଜାଣିଲେ ଇଜ୍ଜତ, ମହତ ପଦାରେ ପଡ଼ିଯିବ । ଘରର ଗୁମର ଲୋକେ ଜାଣିଯିବେ । ଧନ୍ୟ ବୁଦ୍ଧି, ଧନ୍ୟ ସୁବ୍ୟବସ୍ଥା ! କରଜ ଆଣିଥିବା ସେହି ଶହେଟି ଟଙ୍କାରେ ଗୋଟିଏ ହାର, ଦୁଇଖଣ୍ଡ ଖଡୁ ପିଲଟିକୁ ପିନ୍ଧାଇଲେ ଓ ସାଇ ପଡ଼ୋଶୀ ବନ୍ଧୁ ବାନ୍ଧବଙ୍କୁ ଡାକି ଖୁବ୍ ଭଲ କରି ଖାଇବାକୁ ଦେଲେ । ସେମାନେ ଖାଇସାରି ପ୍ରଶଂସା ସମୁଦ୍ରରେ ବୁଡ଼ାଇ ଦେଇ ଗଲେ । ପ୍ରଶଂସା ଶୁଣି ବର୍ତ୍ତିଥାଇଁ ବର୍ତ୍ତିଥାଉଁ ସ୍ୱର୍ଗସୁଖ ଭୋଗ କଲେ । ଏଣେ ପିଲଟି ଦୁଧ ଖାଇବାକୁ ନ ପାଇ ଅଳ୍ପଦିନରେ ନାନା ବେମାରରେ ପଡ଼ି ଶୁଖି ଶୁଖି ମଲା ।

କିଶୁଟିଏ ଜନ୍ମ ହେଲେ ତା' ପାଇଁ ଦୁଧ ଲୋଡ଼ା ନାଁ ଗହଣା ?

Digitized by PPRACHIN, SOA

ଗହଣା

ଭାଇ, କହ ଦେଖି, ପିଲାଟି ସକାଶେ ଗାଈଟିଏ କିଣିବାର ଅବଶ୍ୟକ ବେଶୀ ନା ଗହଣା ଦୁଇ ଚାର ଦେବାର ଅବଶ୍ୟକ ବେଶୀ? ଅନ୍ଧକୁ ପଚାର ସେ କହିବ ଗାଈଟିର ଅବଶ୍ୟକତା ବେଶୀ । ଏହି କଥା ବିଚାର କରିବାକୁ ଶାସ୍ତ୍ର ପୁରାଣର ଆବଶ୍ୟକ ହେବ କି? ମାତ୍ର ଓଲଟି ଆମ୍ଭେମାନେ, ନିଜ ନିଜ ବାଟ ଠିକ କରି ନ ପାରି, ନିଜେ ନିଜର ବ୍ୟବସ୍ଥା ନ କରି ଯେ କେତେଜଣ ଓଲଟ ଯେଉଁ ବାଟରେ ଗଲେ ଆମେ ସେଇ ବାଟରେ ଯାଇ ଅଗ ଗହଣା କିଣିଛୁଁ । ପୁଣି ଦୋଷ କ୍ଷାଳନ ପାଇଁ ଗାଉଁଛୁଁ—'ମହାଜନୋ ଯେନ ଗତଃ ସ ପନ୍ଥା' ।

ଆମ୍ଭେମାନେ ପ୍ରଥମରୁ ବାଟ ହୁଡ଼ି ଜନ୍ମଦିନରୁ ଏହିପରି ଶାସ୍ତ୍ର ପୁରାଣରୁ ବ୍ୟବସ୍ଥା ଖୋଜି ଖୋଜି ନିଜ ନିଜର ସରଳ ବ୍ୟକ୍ତିଗତ ସତ୍ୟ ଅର୍ଥାତ୍ ବିବେକକୁ ହରାଇ ଅନ୍ଧ ହୋଇ ଯାଉଛୁଁ । ଜୀବନ ତମାମ ବାଟ ହୁଡ଼ି ହୁଡ଼ି ବଙ୍ଗାଳତନ୍ତ୍ର ନାଁ କିଣିଲା ପରି ନାଁ କିଣି କିଣି ଚାଲିଛୁଁ । ଏକୋଇଶା ପରେ କାନଫୋଡ଼ା, ତା ପରେ ବିଦ୍ୟାରମ୍ଭ, ତା ପରେ ବ୍ରତ, ତା ପରେ ବିବାହ, ତା ପରେ ପୁଅଝିଅର ତା ପରେ ପୁଣି 'ଏକୋଇଶା ଏହିପରି ଆମ୍ଭେମାନେ ନାଁ କିଣିବାରେ ବ୍ୟସ୍ତ— ମାତ୍ର ପ୍ରକୃତ କର୍ତ୍ତବ୍ୟ ସେ ସମସ୍ତ ଦିନରେ ଆମ୍ଭମାନଙ୍କର କଣ ହେବା ଉଚିତ୍ ତାହା ଆମ୍ଭେମାନେ ପାସୋରି ଯାଇଅଛୁଁ ।

ହୁଞ୍ଚ ନାଁ କିଣିବା
ଅ ମ ର ଲ ଷ
ହୋଇଛୁ ।

କେହି କେହି କହି ପାରନ୍ତି—ଆମ୍ଭେମାନେ ଟଙ୍କା ପଇସା ଖର୍ଚ୍ଚ କରି ପିଲାମାନଙ୍କୁ ପାଠ ପଢ଼ାଉଁ । ହଁ, ପଢ଼ାଅ ସତ, କିନ୍ତୁ ପଢ଼ାଅ

Digitized by PPRACHIN, SOA

କାହିଁକି ? ସେହି ନା କଣିବାକୁ ପଢ଼ାଅ । ତୁମେ ତିନି ଖୋର ବାଜାରେ ଶବାହ ବ୍ରତ କରୁଥିଲ,ପୁଅପାଠ ପଢ଼ି; ଠଙ୍କାପଇସା ରୋଜଗାର କରି, ଘୁଷ୍ ନେଇ, ପାଞ୍ଚଖୋର ବାଜାରେ ପିଲଙ୍କର ଶବାହ ବ୍ରତ କରିବ । ତୁମେ ରୁପା ଗହଣା କଣୁଥିଲ ସେ ସୁନାଗହଣା କିଣିବ ।

ଗହଣା ବାଲ୍ୟାବସ୍ଥାରୁ ପିଲାମାନଙ୍କ ମନରେ ଗର୍ବ ଅଣାଏ, ଓ ଅପଣା ଅପଣା ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରେ । ମୁଁ ମିଶ୍ର ଘର ଝିଅ; ମୁଁ ଚଉଧୁରୀ ଘର ବୋହୂ, ମୁଁ ପଟ୍ଟନାୟକଙ୍କ ଭଣଜୀ, ମୁଁ ସାଆନ୍ତଙ୍କ ନାତି ଇତ୍ୟାଦି ନାମ ସଙ୍ଗେ ସଙ୍ଗେ ଗହଣା ଗର୍ବ ଯୋଡ଼ ହୋଇ ରହିଥାଏ । ଯେଉଁ ସ୍ତ୍ରୀ ଯେତେ ବେଶୀମୂଲ୍ୟର ଗହଣା ପିନ୍ଧିଥାଏ, ତାହା ମନରେ ସେତେ ଗର୍ବ । ସେ ନିଜକୁ ଅନ୍ୟଠାରୁ ବଡ଼ ବୋଲି ତେତେ ଦେଖାଇ ହୁଏ । ଯେଉଁ ସ୍ତ୍ରୀର ବେଶୀ ଗହଣା ନାହିଁ ସେ ନିଜକୁ ଗରିବ ମନେ କରି ଗହଣା ପିନ୍ଧିଥିବା ସ୍ତ୍ରୀଲୋକଙ୍କ ସହିତ ମିଳାମିଶା କରିବାକୁ ଲଜ୍ଜା ବୋଧ କରେ । ଗହଣା ନିଜ ମନରେ ଯେପରି ଗର୍ବ ଅଣାଏ, ସେପରି ଅନ୍ୟ ମନରେ କଷ୍ଟ ଦେଇଥାଏ । ଅଧିକନ୍ତୁ ମଧ୍ୟ ସ୍ତ୍ରୀଲୋକମାନଙ୍କର ଅନ୍ୟ କାହାର ବେଶୀ ମୂଲ୍ୟର ଗହଣା ଦେଖିଲେ ନିଜ ମନରେ ଯେପରି ଅହଂକାର ଆସେ ଓ ସେପରି କଷ୍ଟ ମଧ୍ୟ ଆସିଥାଏ ।

ଗହଣାରୁ ଗର୍ବ ଆସିଥାଏ ।

ଆମ୍ଭେମାନେ ଝିଅ ବୋହୂଙ୍କୁ ବେଶୀ ୨ ଗହଣା ଦେଇ କହୁଥାଉଁ—'ମୋ ଝିଅର ଠେକ ରହୁ,' 'ମୋ ବୋହୂକୁ କେହି

Digitized by PPRACHIN, SOA

ଗହଣା

ଯେପରି ଗରିବ ଘରର ଝିଅ ବୋଲି ନ କହନ୍ତୁ ?' ଆମ୍ଭମାନଙ୍କର କେଡ଼େ ସୁନ୍ଦର ବୁଦ୍ଧି ! ଠେଙ୍ଗାଦେଇ ବଣିଆ ଘରୁ ଗର୍ବ ଈର୍ଷା ପରଶ୍ରୀକାତରତା ଇତ୍ୟାଦି କୁତ୍ସିତ ଗୁଣ ଗୁଡ଼ିକର ମଞ୍ଜି କିଣିଆଣି କୋମଳ

ଠେଙ୍ଗା ଦେଇ ବଣିଆ ଘରୁ ଯାହା କିଣୁଛେ ଗର୍ବ, ଈର୍ଷା ତା ପରଶ୍ରୀକାତରତା

ମତି ପିଲାମାନଙ୍କ ହୃଦୟରେ ବୁଣି ଦେଉଁ । ଆମେ ବଙ୍ଗାଳି ତନ୍ତ୍ର ଓଲ୍ଟା । ଯେତେ ପାଠ ପଢ଼ାଇଲେ କଣ ହେବ, ଯେତେ ଉପଦେଶ ଦେଲେ କଣ ହେବ । ବହି ପାଠରୁ କିମ୍ବା ଉପଦେଶରୁ ସଂକୀର୍ଣ୍ଣତା ଓ ଗର୍ବ ଦୂର ହେବ ନାହିଁ । କେତେକ ତଥା କଥିତ ଶିକ୍ଷିତ ଲୋକେ ଯୁକ୍ତି କରି କହୁଥାନ୍ତି—ସ୍ତ୍ରୀଲୋକମାନଙ୍କର ଅନ୍ୟ ସଂପତ୍ତି ନାହିଁ, ତେଣୁ ଗହଣା ଦୁଇ ଚାରି ସେମାନଙ୍କୁ ଦେବା ଉଚିତ । ସ୍ୱାମୀ ମଲାପରେ ସେହି ଗହଣା ତାହାର କାମରେ ଆସିବ । ନିଜ ନିଜର ଗର୍ହିତ କାର୍ଯ୍ୟକୁ ସମର୍ଥନ କରିବା ଲାଗି ଏମାନେ ଏହିପରି ନାନା ଯୁକ୍ତି କରିଥାନ୍ତି, ତେଣୁ ସେମାନଙ୍କୁ ଉତ୍ତର ଦ୍ୱାରା ସନ୍ତୁଷ୍ଟ କରି ପାରିବା ଅସମ୍ଭବ । ତେବେ ଏତିକି ପଚାରୁଛି—ସେମାନେ ଅନୁଗ୍ରହ କରି ନିଜ ନିଜର ସ୍ତ୍ରୀ ଝିଅ, ବୋହୂମାନଙ୍କୁ ପଚାରନ୍ତୁ—ସେମାନେ କି ଉଦ୍ଦେଶ୍ୟରେ ଗହଣା ପିନ୍ଧି ଅଛନ୍ତି ? ସେମାନଙ୍କଠାରୁ ଯେଉଁ ସରଳ ଉତ୍ତର ମିଳିବ ତାହାହିଁ ପ୍ରକୃତ ଉତ୍ତର ।

ଅଚ୍ଛା, ମୁସଲମାନମାନଙ୍କ ଘରେତ ଝିଅମାନେ ବାପା ସଂପତ୍ତିରୁ ଭାଗ ପାଆନ୍ତି ଓ ବିବାହ ବେଳେ ସ୍ୱାମୀଠାରୁ ଯଥେଷ୍ଟ ସଂପତ୍ତି ପାଇ ଥାନ୍ତି—ସେମାନଙ୍କର ଏତେ ଗହଣା କାହିଁକି ? ସେମାନଙ୍କର କାନ

Digitized by PPRACHIN, SOA

ପିଲଦିନୁ ସିଲେଇ ହୁଏ କାହିଁକି ? ଏଥିରୁ ସ୍ପଷ୍ଟ ଜଣାଯାଉଅଛି ସମ୍ପତ୍ତିବଢ଼ାଇବା ଉଦ୍ଦେଶ୍ୟରେ ସ୍ତ୍ରୀଲୋକମାନେ ଗହଣା ପିନ୍ଧନ୍ତି ବୋଲି କହିବା ସମ୍ପୂର୍ଣ୍ଣ ଭୁଲ ।

ବାପ ମାଆମାନଙ୍କୁ ଅନୁରୋଧ ଯେ—ସେମାନେ ପିଲାମାନଙ୍କୁ ଅଳ୍ପ ବୟସରୁ ଗହଣା ଦେଇ ପବିତ୍ର ଶିଶୁ ଜୀବନ, ଅମୂଲ୍ୟ ମାନବ-ଜୀବନକୁ ଭବିଷ୍ୟତ ପାଇଁ ନଷ୍ଟ ନ କରନ୍ତୁ । ପିଲା-ଦିନରୁ ଗହଣା ଅଭ୍ୟାସ କରିବାରୁ ଅଫିମ ନିଶା ପରି ଏହି ଗହଣା ନିଶା ଆଉ ଛାଡ଼ୁନାହିଁ—ବରଂ ବଢ଼ୁଅଛି । ଏହି ଗହଣା ଯୋଗୁଁ କେତେ ପବିତ୍ର ଦାମ୍ପତ୍ୟ ଜୀବନ କଳଙ୍କିତ ହେଉଅଛି, କେତେ ସ୍ତ୍ରୀ ନଷ୍ଟ ଚରିତ୍ରା ହେଉଅଛନ୍ତି, କେତେ ଗୃହଉଚ୍ଛନ୍ନ ହେଉଛି ।

ଅଫିମ ଯେପରି ନିଶା ଗହଣା ସେପରି ନିଶା

ଆଜିକାଲି ଅନେକ ବୋହୂ ଝିଅ ମରହଟ୍ଟୀ ରୂପା ଗହଣା ଛାଡ଼ି ଅନୁକରଣ କରିବା ଲାଗି ସୁନାର ବାଲା ଓ ଅନନ୍ତ ଇତ୍ୟାଦି ପିନ୍ଧୁଅଛନ୍ତି । ଏହି ଗହଣା ମରହଟ୍ଟୀ ଗହଣାଠାରୁ ସୁନ୍ଦର ରୁଚିକର ହୋଇପାରେ, ମାତ୍ର ଏହା ତାହାଠାରୁ ଅତୀବ ଭୀଷଣ । ମରହଟ୍ଟୀ ଗହଣାଠାରୁ ଏ ଗହଣାରେ ଗର୍ବ ଅଧିକ ବଢ଼େ । ନିଜ ନିଜ ମଧ୍ୟରେ ଅଧିକ ପାର୍ଥକ୍ୟଭାବ ସୃଷ୍ଟି କରେ । ଏ କଥା ଗହଣାଧାରିଣୀ ସ୍ତ୍ରୀଲୋକମାନେ ବେଶ୍ ବୁଝି ପାରିବେ ।

ମୁଁ ଯାହା ନିଜେ ଅନୁଭବ କରିଛି—ସେତିକି ଲେଖୁଛି । ମୁଁ ଯାହା ବୁଝି ନାହିଁ ବା ଜାଣି ନାହିଁ—ସେ ସମ୍ବନ୍ଧରେ କହି

Digitized by PPRACHIN, SOA

ବାକୁ ଯାଇ ନାହିଁ ବା ଯିବ ନାହିଁ । ମୁଁ ଭଲ ଭବେ ଜାଣିଛି ଓ ବାରମ୍ବାର କହୁଛି ଯେ—ଗହଣା ଯୋଗୁଁ ଅନେକ ପରିବାରରେ ସୁଖଶାନ୍ତି ଲୋପ ପାଇଛି । ଅନେକ ପରିବାର ଉଚ୍ଛନ୍ନ ହୋଇଅଛି । ଏ କଥା, ମୁଁ କାହିଁକି—ପ୍ରତ୍ୟେକେ ନିଜ ନିଜ ଜୀବନରେ ଅନୁଭବ କରିଥିବେ ।

ଆଜକାଲି କେହି ମୋଫସଲରୁ ସହରକୁ ଆସିଲେ ତାକୁ ପ୍ରଥମେ ରୂପା ଗହଣା ବଦଳରେ ସୁନା ଗହଣା କରିବାକୁ ହୁଏ । ସ୍ୱାମୀ ଘୁଷ ନେଇ ବା କରଜ କରୁ, ଏତକ ନ କଲେ ସ୍ତ୍ରୀ ସୁନାଗହଣା ପିନ୍ଧିଥିବା ଅନ୍ୟ ସ୍ତ୍ରୀ ଲୋକଙ୍କ ସହିତ ଦେଖା କରିବା କଠିନ ।

ମୋର ନିଜର ଅନୁଭୂତି ସାକ୍ଷାରେ ମୁଁ ଯାହା ଲେଖୁଛି

ମୋର ଜଣେ ବନ୍ଧୁଙ୍କ ସ୍ତ୍ରୀ ଅଳ୍ପଦିନ ହେଲା, କଟକ ଆସି ଥାଆନ୍ତି । ତାଙ୍କର ସୁନାଗହଣା ବଣିଆ ଦେଇ ନ ଥାଏ, ଏହି ସମୟରେ ଅକସ୍ମାତ୍ ତାଙ୍କର ଅନ୍ୟଜଣେ ସୁନାଗହଣା ପିନ୍ଧା ବନ୍ଧୁ ତାଙ୍କ ଘରକୁ ଆସିଲେ । ରୂପାଗହଣା ପିନ୍ଧି ସେ ସୁନା-ଗହଣା ପିନ୍ଧା ବନ୍ଧୁଙ୍କୁ ଦେଖା କରି ପାରିଲେ ନାହିଁ । ଲାଜ କରି ଘରେ ରହିଲେ । ତିନିଚାରି ଦିନପରେ ବଣିଆଁ ଗହଣା ଦେଲାରୁ ସୁନାଗହଣା ପିନ୍ଧି ସେହି ବନ୍ଧୁଙ୍କ ଘରକୁ ଗଲେ ।

ଏହାପରେ କେତେ ଅଭିନୟ ପ୍ରତିଘରେ ଲାଗିଛି । ସମାନକୁ ସମାନ ନ ହେଲେ ମାନ ତଳେ ପଡ଼ି ଯିବ—ଏ କଥା ଏବେ ଗହଣା ଭିତରେ ରହିଲାଣି । ଗହଣା ଯେପରି ଗୋଟାଏ ସଦ୍‌ଗୁଣ ।

Digitized by PPRACHIN, SOA

ବିବାହ ଓ ବ୍ରତାଦି

ଅର୍ଥର ଅପବ୍ୟୟ ବିଷୟରେ ମୁଁ ଏହି ଗହଣା କଥା କହୁଅଛି ଓ ନ୍ୟାୟ ନିମିତ୍ତ କଥା କହୁଅଛି । ନ୍ୟାୟ ନିମିତ୍ତର ବାଜା, ବାଣ, ଇତ୍ୟାଦି ଘଟାଟୋପ ସମସ୍ତେ ନିତ୍ୟ ଅନୁଭବ କରୁଅଛନ୍ତି । ସେ ସବୁ ଅର୍ଥ ଭଲରେ ଖର୍ଚ୍ଚ ହୋଇ ମାନବଜୀବନର ମଙ୍ଗଳସାଧନ କରୁଛି କି ଅଶୁଭ ଶିକ୍ଷା ଦେଉଛି ତାହା ସମସ୍ତେ ଜାଣୁଥିବେ । ତେବେ ମୁଁ ଗତ ୧ । ୫ । ୩୦ରେ ମୋଫସଲ ଯାଇ ଗୋଟିଏ ବ୍ରତଘରେ ଯେ-ପରି ଭାବରେ ଦେଖିଥିଲି ତାହା ନ କହି ରହି ପାରୁ ନାହିଁ ।

ସାବାସ୍ ପାଇଁ ବିପଦ ମିଳେ

ମୋଫସଲର ଜଣେ ଗରିବ ବ୍ରାହ୍ମଣ, ନିଜର ବନ୍ଧୁ ଘରୁ ଗୋଟିଏ ୮।୯ ବର୍ଷର ପୋଷ୍ୟପୁତ୍ର କରି ଆଣି ତାର ଉପନୟନ କରୁଥାନ୍ତି । ଖୁବ୍ ସମାରୋହରେ କାର୍ଯ୍ୟ ଚାଲିଥାଏ । ମୁଁ ଉପନୟନ କାର୍ଯ୍ୟ ସମୟରେ ପହଞ୍ଚି ଥିଲି । କାର୍ଯ୍ୟକର୍ତ୍ତା ମୋତେ ଆମନ୍ତ୍ରଣ କଲେ । ମୁଁ ଯାଇ ହୋମ ନିକଟରେ ବସିଲି । ଦେଖିଲି—ବ୍ରାହ୍ମଣମାନେ ଉଚ୍ଚସ୍ୱରରେ ମନ୍ତ୍ରପଢ଼ି ଘିଅ ପୋଡ଼ୁଥାନ୍ତି । ଏଣେ ଅଳ୍ପ ଦୂରରେ ମାଛସବୁ ଧୂଆ ହେଉଥାଏ ଓ ଗନ୍ଧ ଲାଗିଥାଏ ଯେ ଅଇଁଶ ଦୁର୍ଗନ୍ଧରେ ସେଠି ଆଉ ବସି ହେଲା ନାହିଁ । ଘିଅର ପବିତ୍ର ଗନ୍ଧ ସହିତ ମାଛର ଗନ୍ଧ କିପରି ହୁଏ ତାହା ଅନୁଭବୀ ମାନେ ଜାଣନ୍ତି । ଆଉ କଣ କହିବି ?

Digitized by PPRACHIN, SOA

ବିବାହ ଓ ବ୍ରତାଦି

ତା ପରେ ଯାହା ଖାଇବାକୁ ଦେଇଥିଲେ, ତାହା ଗ୍ରାମର ଧନ୍ଧୁ-ଠାରୁ ଧନୀଲୋକ ସୁଦ୍ଧା କରନ୍ତି ନାହିଁ । ବାଜା, ରୋଷନି ଧୂମ୍‌ଧାମ୍‌-ରେ ମୁଁ ସେଦିନ ଆଉ ଶୋଇ ପାରିଲି ନାହିଁ । ଖାଇବାବେଳେ ଦେବାନେବାବେଳେ ଲୋକଟିର ଶାବାସର ସୀମା ରହିଲା ନାହିଁ । ସମସ୍ତେ କ୍ଷଣକ ପାଇଁ ଧନ୍ୟ ଧନ୍ୟ କରିଦେଲେ ।

ମାତ୍ର ମୁଁ ପରେ ଶୁଣିଲି ସେ ଲୋକଟିର ମୋଟେ ଦୁଇ ତିନି ମାଣ ଜମି ସମ୍ପତ୍ତି । ସେ ସେଥିରୁ କେତେଗୁଣ୍ଠ ବିକ୍ରୟ କରିଛି ଓ କେତେକ ବନ୍ଧକ ଦେଇଛି । ଏପରି ପ୍ରାୟ ୩୦୦ ଟଙ୍କା ଧାର କରଜ ଆଣି ଜାକଯମକରେ ବ୍ରତଘର କରିଛି । ଏଣେ ଯେଉଁମାନେ ସେହି ଗରିବ ବ୍ରାହ୍ମଣଠାରୁ ଜମିକିଣିଥାନ୍ତି ଓ ବନ୍ଧକ ରଖିଥାନ୍ତି, ସେମାନେ ତାକୁ ମଥାମତ କରି କୌଶଳରେ ଫୁସୁଲେଇ ବେଶୀ ଖର୍ଚ୍ଚାନ୍ତ କରାଇବାର ବାଟସବୁ ଦେଖାଇଥିବେ । ମୁଁ ଏ କଥା ଭଲକରି ଜାଣେ, କାରଣ ମୁଁ ସେ ବିଷୟରେ ବହୁତ ଅନୁଭବ କରିଅଛି । ମନୁଷ୍ୟ କାହିଁକି, ଦେଶରେ ଏପରି ଅନେକ ଅନୁଷ୍ଠାନ ଅଛି ଯାହା ଲୋକଙ୍କୁ କରଜ ଚଖାଇ ତାଙ୍କୁ ଶେଷରେ କରଜ ନିଶାରେ ସର୍ବନାଶ କରୁଅଛି । ଏ ସବୁ ଲୋକଙ୍କୁ ଓ ଅନୁଷ୍ଠାନମାନଙ୍କର ଘୋର ନିନ୍ଦା କରିବା ପ୍ରକୃତ କର୍ତ୍ତବ୍ୟ । ସେ ସବୁର ଧ୍ୱଂସ ଉପରେ ମାନବସମାଜର ମୁକ୍ତି ସମ୍ଭବ ।

ଏକପକ୍ଷରେ ପିଲାଟିର ବ୍ରତଘର ଧୂମରେ ଶାବାସ୍‌ପଦ ପାଇବା ପାଇଁ ଧୂମ୍‌ଧାମ୍, ଆଡ଼ମ୍ବର ଦାନକପାଇଁ କରି ସର୍ବସ୍ୱାନ୍ତ ହେଲା ପରେ

Digitized by PPRACHIN, SOA

ଅନ୍ୟପକ୍ଷରେ ପିଲାଟିର ପାଠପଢ଼ା ପାଇଁ ସ୍କୁଲକୁ ଦରମା ଦୁଇପଇସା ଦେବାକୁ ନାହିଁ । ଭାଇ, କହଦେଖି—ଏ ସବୁ ସଦ୍‌ବ୍ୟୟ ନାଁ ଅପବ୍ୟୟ ? ଏହା ପିଲା ପ୍ରତି ବାପର କର୍ତ୍ତବ୍ୟ ନାଁ ଅକର୍ତ୍ତବ୍ୟ ?

ଏପରି ଅବସ୍ଥାରେ ଖୁବ୍ ଭଲ ପୁରୀ ଓ ମାଛ ତରକାରୀ ଖାଇ ବଡଗ୍ଗ ଗରିବ ବ୍ରାହ୍ମଣଙ୍କୁ ପ୍ରଶଂସାର ଡୁଙ୍ଗା ମୋହରେ ପକାଇ ସର୍ବନାଶ କରିବା, ଆମ୍ଭମାନଙ୍କର ତଥା ଜ୍ଞାତି କୁଟୁମ୍ବଙ୍କର କର୍ତ୍ତବ୍ୟ ନାଁ ଅକର୍ତ୍ତବ୍ୟ ? ହୃଦୟବାନ୍, ବିବେକବାନ୍ ସଭ୍ୟ ଓ ଶିକ୍ଷିତ ବ୍ୟକ୍ତିମାନଙ୍କର ଏ ସବୁ ଦେଖି ଉଦାସୀନ ରହିବା ନ୍ୟାୟ ନାଁ ଅନ୍ୟାୟ ?

ଅନ୍ୟର ଏକକଥା ଯେ ଦେଶର ଶିକ୍ଷିତ ଧନୀ ପଦସ୍ଥ ବ୍ୟକ୍ତିମାନେ ସେମାନଙ୍କର ଅର୍ଥକୁ ସଂଯତ ଶୃଙ୍ଖଳଭାବରେ ସତ୍‌କାର୍ଯ୍ୟରେ ପରୋପକାରରେ ଖର୍ଚ୍ଚ ନ କରି ବିବାହ ବ୍ରତରେ ଅଯଥା ଆଡ଼ମ୍ବର ଦେଖାଇବାରୁ-ତାହାଁର ବିଷମୟ ଫଳ ରହିବ ସମାଜକୁ ଆକ୍ରମଣ କରି ସେ ଧନକୁ ବିପଦ ଓ ଅସୁବିଧାରେ ପକାଉଅଛି । ଏଥିପାଇଁ ଶିକ୍ଷିତ ଧନୀ ସମାଜ ନିଜର ଅର୍ଥକୁ ସଦ୍‌ବ୍ୟୟ କରିବା ଉଚିତ ନୁହେଁ କି ?

Digitized by PPRACHIN, SOA

ବିଧିବାର ସୁବନ୍ଦୋବସ୍ତ

Digitized by PPRACHIN, SOA

ବିଧବା

ବିଧବା ବାଳିକା ସମାଜର ନିର୍ଦ୍ଦୋଷ ଶିଶୁ । ହାୟ, ତାର କି ଦୋଷ ? ସେ ହତଭାଗିନୀ ଶିଶୁ ଜୀବନରୁ ପରପଦରେ ବଳୀ ହୋଇ ମୂର୍ଖମାନଙ୍କର ନିଷ୍ଠୁର ମନ୍ତ୍ର ଗାନରେ ଶୁଖିଯିବ – ମରିଯିବ ପଛେ, ତା' ପ୍ରାଣରେ ଆନନ୍ଦ ନାହିଁ । ତା ଜୀବନରେ କୈଶୋରର ମଧୁର ସରଳ ଆନନ୍ଦ ନାହିଁ, ଯୌବନର ବିମୋହନ କଳକଳ ହାସ୍ୟ ନାହିଁ, ପ୍ରୌଢ଼ର ସୁଗମ୍ଭୀର ଗାର୍ହସ୍ଥ୍ୟ ଦୀପ୍ତି ନାହିଁ । ବାର୍ଦ୍ଧକ୍ୟରେ ଗତଜୀବନ ପାଇଁ ଆଶ୍ୱାସନ ନାହିଁ । ସେ ସର୍ବଦା ଉହାଳ ବିକଳ ହୋଇ ଅପୂର୍ଣ୍ଣ ଜୀବନରେ କାନ୍ଦୁ ଥିବ—ଚିରଦୁଃଖରେ ବୁଡ଼ି ରହିଥିବ । ଏହା କାହାର ଦୋଷ ? ଅଜ୍ଞ ପିତା ମାତାର, କ୍ରୂର ସମାଜର ନୁହେଁ କି ? ଏପରି ପିତାମାତାଙ୍କର ମନକୁ, ଏପରି ସମାଜର ଦୁଷ୍ଟାମୀକୁ ଭାଙ୍ଗି ଫିଙ୍ଗି ଦେଲେ ଦୋଷ କଣ ?

ବିଧବା ବାଳିକାର ଦୁଃଖ

ବିଧବା ବାଳିକା ଯୋଗୁଁ ବ୍ରହ୍ମଚର୍ଯ୍ୟରେ ସଂଯମରେ ଉପକାର ହେଉଛି ବୋଲି, ଯେଉଁ ପୁରୁଷପୁଙ୍ଗବମାନେ କହୁଥାନ୍ତି, ସେହି ଅହଂମୂଢ଼ମାନେ ଜାଣନ୍ତି ନାହିଁ ଯେ ସେମାନେ ସେମାନଙ୍କ ଯୌବନକୁ କିପରି ଭାବରେ ବ୍ୟବହାର କରୁଥିଲେ ? ଯୌବନ କଥା ପଛକୁ ଥାଉ । ଅଜି ବୃଦ୍ଧାବସ୍ଥାରେ ବର୍ଷକ ଲାଗି ସେମାନେ ବ୍ରହ୍ମଚର୍ଯ୍ୟ ରକ୍ଷା କରିପାରୁ ଅଛନ୍ତି କି ?

Digitized by PPRACHIN, SOA

ବିଧବା

ବିଧବା ବିବାହ ଶାସ୍ତ୍ର ସମ୍ମତ ଓ ଦୋଷାବହ ନୁହେଁ । ଏହା ପଣ୍ଡିତ ଈଶ୍ୱରଚନ୍ଦ୍ରଙ୍କ ସମୟରୁ ନାନାଭାବରେ ପ୍ରମାଣିତ ହୋଇ- ଥିଲେ ସୁଦ୍ଧା, ପିତାମାତାମାନେ ଲାଜ ନିଜର ଶିଶୁ ବିଧବା କନ୍ୟା- ମାନଙ୍କୁ ବିବାହ ଦେବାକୁ ଅଗ୍ରସର ହେଉ ନାହାନ୍ତି କିମ୍ବା ଯୁବକମାନେ ବିଧବା ବିବାହ କରିବାକୁ ପ୍ରସ୍ତୁତ ହେଉ ନାହାନ୍ତି ।

ବିଧବା ବିବାହ ଶାସ୍ତ୍ର ସମ୍ମତ

ଶାସ୍ତ୍ରୀୟ ପ୍ରମାଣ ଶତ ଶତ ଅଛି, ଆଦର୍ଶ ଦୃଷ୍ଟାନ୍ତ ଅସଂଖ୍ୟ ଅଛି— ସେ ସବୁ ଲେଖି ଲେଖାକୁ ବଡ଼ କରିବାକୁ ମୁଁ ଚାହୁଁନାହିଁ । କେବଳ **ଏପରି ବାଲ୍ୟବିବାହ** ବାଲ୍ୟବିଧବା ସୃଷ୍ଟିରେ ପୂର୍ଣ୍ଣସହାୟତାକରେ ତାକୁ ପରିବର୍ଜନ କରି ସମାଜର ଅତି ପ୍ରୟୋଜନୀୟ ଯୁବତୀ ବିବାହ ପାଇଁ ଦେଶର ତରୁଣ ପଲ୍ଲୀଗୁଡ଼ିଆ ଦେଇ ଜାତିର ସମୋନ୍ନତ ପଥରେ ବାଧା ଦେଉ ନାହାନ୍ତି କି ?

ଧର୍ମଭୟ କିମ୍ବା ସମାଜ ବା ଜାତି ଭୟ ଏହାର କାରଣ ନୁହେଁ । ଲୋକନିନ୍ଦା ଭୟ, ବଂଶମର୍ଯ୍ୟାଦା ଲୋପ ହେବାର ଭୟ, ଗ୍ରାମରେ ପ୍ରଥମେ ଏପରି ଗୋଟିଏ ନୂତନକାର୍ଯ୍ୟ କରିବାକୁ ସତ୍- ସାହସର ଅଭାବ ଏବଂ ଏକ କଥାରେ କହିବାକୁ ଗଲେ ଲଜ୍ଜା ଏହାର ଏକମାତ୍ର କାରଣ ।

ମାଆ ଭଉଣୀମାନଙ୍କୁ ପଚାରନ୍ତୁ, ଦେଶର ଯୁବକମାନଙ୍କୁ ପଚାରନ୍ତୁ, ପୁଣ୍ୟତୀର୍ଥ ନ୍ୟାୟରତ୍ନ ବି.ଏ. ଏମ୍.ଏ. ଉପାଧିଧାରୀଙ୍କୁ ପଚାରନ୍ତୁ— ୬୦।୭୦ ବର୍ଷର ବୁଢ଼ାମାନେ ୮।୧୦ ବର୍ଷର କନ୍ୟାଙ୍କୁ

Digitized by PPRACHIN, SOA

ବିବାହ କରୁଅଛନ୍ତି, ସେମାନଙ୍କୁ ଟିକିଏ ମାତ୍ର ଲଜ୍ଜା ନାହିଁ । ସେମାନଙ୍କର ଯେଉଁ ଭାଇବନ୍ଧୁ କୁଟୁମ୍ବମାନେ ଝିଗ୍ରିପିଠା ଖାଇ ଏହି ଉତ୍ସବରେ ଯୋଗ ଦେଉଅଛନ୍ତି ସେମାନଙ୍କୁ ତ ଲଜ୍ଜା ନାହିଁ । ଯେଉଁ ଜାତି ଏହି ପ୍ରଥାକୁ ସମର୍ଥନ କରୁଅଛି ସେହି ଜାତିକୁ ତ ଲଜ୍ଜା-ନାହିଁ ; କିନ୍ତୁ ଯାହା ଶାସ୍ତ୍ରାନୁମୋଦିତ – ବିବେକାନୁମୋଦିତ, ଯାହା ଧର୍ମ୍ମ, ଯାହା ସତ୍ୟ—ତାହା କାର୍ଯ୍ୟରେ ପରିଣତ କରିବାକୁ ତୁମ୍ଭମାନଙ୍କର ଏତେ ଲଜ୍ଜା କାହିଁକି ? ଭୟ କାହିଁକି ?

ଅପୋଗଣ୍ଡ ଶିଶୁ ବିଧବା ହୋଇ ସମାଜର ହିତ ପାଇଁ ଚିରବ୍ରହ୍ମଚାରିଣୀ ହେବ, ଆଉ ପୁରୁଷ ଜୀବନରେ ପାଞ୍ଚଥର ବିବାହ କରିବ, ଏହା କିପରି କଥା । ଯଦି ବାଳିକା ବିଧବାର ସାଧନାରେ ସମାଜର ହିତ ସାଧିତ ହେଉଅଛି, ତେବେ ଯେଉଁ ପୁରୁଷ ଥରେ ବିବାହ କରୁଅଛନ୍ତି, ସେମାନେ ମୃତଦାର ହୋଇ ଆଜୀବନ ରହିଲେ ତ ସମାଜର ବହୁତ ଉପକାର ସାଧିତ ହୁଅନ୍ତା ? ବିଧବା ବିବାହରେ ଯୁକ୍ତି ନାହିଁ । ତର୍କ ନାହିଁ । ମୀମାଂସା ନାହିଁ । ସରଳ ସତ୍ୟ କଥା ଯେ ସମାଜର ଅବନତି ଆମର ସବୁ ବିପଦର ମୂଳ କାରଣ । ଆପଣମାନେ ଟିକିଏ ସରଳଭାବରେ କଥାଟା ବୁଝିଲେ ସମାଜ ଉନ୍ନତ ହୋଇ ପାରନ୍ତା ।

ସମାଜର ଅବନତି ସବୁ ବିପଦର ମୂଳ କାରଣ

ବିଧବାକୁ ବିବାହ ନ ଦେଲେ ତ ନାହିଁ ; ସ୍ୱାମୀର ମୃତ ସେ ସଧବାବେଳେ ଯେଉଁ ଅବିବାହିତା ରହିଲା । ଏହା ଆନନ୍ଦର ବିଷୟ,

Digitized by PPRACHIN, SOA

ବିଧବା

ବିଧବା ସମାଜର ରତ୍ନ

କିନ୍ତୁ ସେମାନଙ୍କୁ ଘର କଣରେ ସଢ଼ାଇ ତାଙ୍କ ପ୍ରାଣକୁ ସ୍ପନ୍ଦନ ହୀନ କରିବା ମହାପାପ ନୁହେଁ କି? ସେ ଦେହରେ ବିଧବା ହେଲେ ହୋଇ ପାରି ଥାଏ, ତେବେ ମନରେ ସେ ତ ଆଦୌ ବିଧବା ନୁହେଁ। ହେଉ ସେ ବିଧବା ହେଲେହେଁ ସମାଜର ରତ୍ନ ନାଁ କାହିଁକି? ବିଧବା ପରି ଅମୂଲ୍ୟ ପଦାର୍ଥକୁ ସମ୍ମାନ ନ କରି ଏପରି କୁତ୍ସିତ ବ୍ୟବହାର କରିବା ଘୋର ଅନ୍ୟାୟ ନୁହେଁ କି? ଯେ ପ୍ରକୃତ ସାଧନାରେ ବୈଧବ୍ୟ ଜୀବନ ଯାପନ କରନ୍ତି ସେ ତ ସମାଜର ଆଦର୍ଶ। ତାର ମୁଖ ଯେ ସକାଳୁ ଦେଖିବ ତାର ପୁଣ୍ୟ। ମାତ୍ର ଆମ୍ଭେମାନେ ବିଧବା ପ୍ରତି କି କ୍ରୂର ଅତ୍ୟାଚାର କରି ନ ଥାଉଁ?

ବିଧବାକୁ ଶିକ୍ଷା ଦିଆଯିବା ନିତାନ୍ତ ପ୍ରୟୋଜନ

ସେମାନେ ଚାରିଅକ୍ଷର ପଢ଼ିଥିଲେ ସେମାନଙ୍କର ଅଜ୍ଞତା ଦୂର ହୁଅନ୍ତା। ସେମାନେ ନାନାପୁସ୍ତକ ଆଲୋଚନା କରି ମନ ଆନନ୍ଦରେ ରହନ୍ତେ। ଗ୍ରାମରେ ଯେଉଁ ଝିଅ ବୋହୂମାନେ ନିରକ୍ଷର ପାପରେ ସଢ଼ି କେବଳ କଳି ଗୋଳ ଗହଣା ହିଂସା ପରଶ୍ରୀକାତରତାକୁ ଜୀବନର ସମ୍ବଳ କରି ରହିଅଛନ୍ତି। ଶିକ୍ଷିତା ସଦାଚାରିଣୀ ବିଧବା ସେମାନଙ୍କ ମଧ୍ୟରୁ ଗୋଟିଏ ଦଶଟିଙ୍କର ତ ନିରକ୍ଷରତା ଦୂର କରି ସତ୍‌ପଥକୁ ଆଣିପାରନ୍ତା। ଏହାଦ୍ୱାରା ବିଧବାର ସାଧନାର ସିଦ୍ଧି ସମାଜର ପଣ୍ଡାଏ ଦେଖିବାକୁ ପାଇ ବିଧବା ଜୀବନର ଆଦର୍ଶକୁ ସାବାସ୍ କରନ୍ତେ ନାହିଁ କି? ବିଧବା ମଳମୂତ୍ରରେ ସୁଖ

Digitized by PPRACHIN, SOA

ଖୋଜିବାକୁ ଇଚ୍ଛା ନ କରି ପରୋପକାର ସେବା ବ୍ରତରେ ନିଜଂ ନିଷ୍ଠାସହ ସୁଶୃଙ୍ଖଳିତ କରନ୍ତୁ !

ଏହା ପ୍ରକୃତ କଥା ଯେ — ଜରୁଣାଭିତରେ, କବାଟକଣରେ ମଳମୂତ୍ର ଭିତରେ ଯେଉଁ ସୁଖଲାଗି ଆମ୍ଭେମାନେ ଏତେ ବ୍ୟସ୍ତ, ତାହା ଭଗବାନଙ୍କ ଧର୍ମ ପ୍ରକୃତ ଆନନ୍ଦତୁଳନାରେ କିଛି ନୁହେଁ । ନିଃସ୍ୱାର୍ଥ ପରକାର୍ଯ୍ୟରେ ଯେଉଁ ଆନନ୍ଦ ମିଳେ ତାହା ପ୍ରକୃତ ଆନନ୍ଦ । ବିଶୁଦ୍ଧ ପ୍ରେମରେ ଯେଉଁ ଆନନ୍ଦ ମିଳେ ତାହା ପ୍ରକୃତ ଆନନ୍ଦ ବିଷୟାନନ୍ଦର ଅଭାବରେ ଦୁଃଖ କରିବାର କୌଣସି କାରଣ ନାହିଁ । ସେ ସୁଖ ସେ ଆନନ୍ଦ ଆକାଶକୁସୁମ ପରି ଧରାରେ ନିଷ୍ଫଳ ।

ବିଧବାର ଜୀବନଯାତ୍ରା ନିର୍ବାହର ସୁବିଧା ପାଇଁ ସମାଜର ପଣ୍ଡାପୁଂଗବମାନେ କଣ କରୁଅଛନ୍ତି ? କେବଳ 'ଶିଶୁ ବିଧବାକୁ ଆମେ ବିବାହ କରାଇ ଦେବୁ ନାହିଁ' । ଏତିକି କହିଲେ କଣ ସେମାନେ ସମାଜର ଶିରୋମଣି ହୋଇଯିବେ ? ବିଧବାର ପବନ୍ତ ଜୀବନଯାପନ ପାଇଁ ସାଧାରଣ ବ୍ୟବସ୍ଥା ନ କରି ବିଧବା ବିବାହ ବିଷୟରେ ସେ ମୁକ୍ତମଣ୍ଡପ ହେଉ, ଯୁକ୍ତମଣ୍ଡପ ହେଉ, ମୂର୍ଖମଣ୍ଡପ ହେଉ କାହାର ପାଟି ଫିଟାଇବାର ଅଧିକାର ରହିବା କେବେ ଉଚିତ ନୁହେଁ ।

ବିଧବା ସେବା ବ୍ରତପାଇଁ ନାନାକାର୍ଯ୍ୟରେ ଅବତୀର୍ଣ୍ଣ ହୋଇ ପାରେ । ବାଳିକାମାନଙ୍କର ଶିକ୍ଷୟିତ୍ରୀ ହେବା ନାରୀଜାତିର ଡାକ୍ତର,

Digitized by PPRACHIN, SOA

ବିଧବା

ସମାଜକୁ ଅନୁରୋଧ

କବସ୍ତୀଙ୍କ ହେବାରେ ତାର ଜୀବନ କେତେ ପବିତ୍ର ନ ହୁଅନ୍ତା ?

ସମାଜର ପଣ୍ଡା ପୁଜାରୀ ମଠହାପଠନ୍ଦେଶକ ମହାମହୋପାଧ୍ୟାୟ, ବିଦ୍ୟାବାଚସ୍ପତିଗଣଙ୍କୁ ଅନୁରୋଧ ସେମାନେ ବିଧବାର ସୁଲଭ ଜୀବନଯାପନର ସୁବ୍ୟବସ୍ଥା ପାଇଁ ବିଧବା କେନ୍ଦ୍ରମାନଙ୍କୁ ଅର୍ଥ ସାହାଯ୍ୟ କରନ୍ତୁ । ନାରୀ ହୁଅନ୍ତୁ, ପୁରୁଷ ହୁଅନ୍ତୁ ସମସ୍ତେ ଅଳ୍ପ ଅଳ୍ପ ଚେଷ୍ଟା କଲେ ମିଳିତ ଶକ୍ତିରେ ବିରାଟକାର୍ଯ୍ୟ ସାଧିତ ହୋଇ ପାରିବ । ବିଧବାଦ୍ୱାରା ମାନବସମାଜର ପ୍ରଭୂତ ମଙ୍ଗଳ ସାଧିତ ହେବା ତଥା ଯେଉଁମାନେ ବୁଝି ନ ପାରିବେ, ସେମାନେ ସମାଜର ଦେବତା ଆସନ ଛାଡ଼ି ଦେଇ ଶୀଘ୍ର ନରକକୁ ଖସି ଆସନ୍ତୁ !

ଦେଶର ଉତ୍ସାହୀ, ହୃତାଶାଙ୍କୁ ସେବକବର୍ଗଙ୍କୁ ଅନୁରୋଧ ଯେ – ଭିନ୍ନ ଭିନ୍ନ କେନ୍ଦ୍ରରେ ବିଧବା ବାଳିକାମାନଙ୍କ ପାଇଁ ଆଶ୍ରମ ସବୁ ପ୍ରତିଷ୍ଠା ହୋଇ ସୁଚାରୁରୂପେ ପରିଚାଳିତ କରାଯାଉ । ଏହିପରି ମହତ୍ କାର୍ଯ୍ୟରେ ଉପସ୍ଥିତ ହେବା ପାଇଁ ମାଆ, ଭଉଣୀମାନଙ୍କୁ ବିନୀତ ପ୍ରାର୍ଥନା କରା ଯାଉଅଛି ।

ଦେଶରେ ଅସଂଖ୍ୟ ବିଧବା ରହି ଅଛନ୍ତି । ସେମାନେ ବିଧବା ହୋଇ କୌଣସି ପୁଣ୍ୟ ଲାଭ କରୁଅଛନ୍ତି କି ? ଯୌବନରେ କାଳର

ଆସ୍ୱା ସମର୍ପଣ ପ୍ରକୃତ ବିବାହ

ବିକାର ତୃପ୍ତି ପାଇଁ ପାପରେ ମଧ୍ୟ ଲିପ୍ତ ହେବାର ଦେଖା ଯାଉଅଛି । ଏଥିରେ ଆଶ୍ଚର୍ଯ୍ୟ ହେବାର ମଧ୍ୟ କିଛି ନାହିଁ । ସେଥିପାଇଁ ସମାଜ, ପିତାମାତା

Digitized by PPRACHIN, SOA

ଦାସୀ ନୁହନ୍ତି କି ? ଏହାଦ୍ୱାରା ମାନବର ଧର୍ମ ନୀତି କଳଙ୍କିତ ହେଉ-ନାହିଁ କି ? ଧର୍ମ ନାମରେ ଦୁର୍ନୀତି ବଢ଼ୁ ନାହିଁ କି ?

ଯେଉଁ ବାଲ୍ୟବିବାହରେ ଆତ୍ମସମର୍ପଣର ଅର୍ଥ ନାହିଁ ସେପରି କୁଣ୍ଢେଇ ଟୋକିଙ୍କୁ ବିବାହ ନାମ ଦେଇ ବ ୯ । ୧୦ ବର୍ଷର ବାଳିକା ଗୁଡ଼ିକଙ୍କୁ ବିଧବା ବୋଲି କହିବା ଘୋର ଅନ୍ୟାୟ ନୁହେଁ କି ? ଏ ସବୁ ବାଳିକାମାନଙ୍କର ପୁନର୍ବିବାହକୁ ବିଧବା ବିବାହ କହିବା ମଧ୍ୟ ଯୁକ୍ତିଯୁକ୍ତ ନୁହେ—

ଏହି ବାଳିକାମାନଙ୍କୁ ଉଦ୍ଧାର କରିବା ସମାଜର କାର୍ଯ୍ୟ ନୁହେଁ—କିମ୍ବା ପିତା ମାତାଙ୍କର କାର୍ଯ୍ୟ ନୁହେଁ—ଏହା ହୃଦୟବାନ୍ ବିବେକବାନ୍ ସତ୍ ସାହସୀ ଯୁବକମାନଙ୍କର କାର୍ଯ୍ୟ—ଏ ବିଂଶଯୁଗରେ ଶିକ୍ଷିତ ଯୁବକମାନଙ୍କର ହୃଦୟ ଶୂନ୍ୟତା ଓ ଉଦାସୀନତା ଦେଖି ଯେପରି ଦୁଃଖ ଆସୁଛି ସମାଜର କିମ୍ବା ପିତାମାତାଙ୍କର ଅଜ୍ଞତା ଦେଖି ସେପରି ଦୁଃଖ ଆସୁ ନାହିଁ—ଏ ସବୁ ନିର୍ଦ୍ଦୋଷ ବାଳିକାମାନଙ୍କର ଉଦ୍ଧାର ପାଇଁ ଶିକ୍ଷିତ ଯୁବକମାନେ ଦୃଢ଼ ସଙ୍କଳ୍ପ ହେବାକୁ ଏ ଯୁଗରେ ଆଉ କେତେ ସମୟ ବାକୀ ଅଛି ?

Digitized by PPRACHIN, SOA